ଶାହରୁଖ-କାର୍ତ୍ତିକ-ସିଦ୍ଧାର୍ଥଙ୍କ ଡ୍ୟାନ୍ସରେ ଦର୍ଶକ ହେଲେ ମତୁଆଲା





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୧ • ସଂଖ୍ୟା–୨୯ • ୨୪ ଫେବୃୟାରୀ ୨୦୨୪, ଶନିବାର • ଭୁବନେଶ୍ୱର • Vol -31 • Issue-29 • 24th February 2024, Saturday • Bhubaneswar | Licensed to post without pre-payment of postage No- BN-60/22-24


## ୬୬୦ କୋଟି ଟଙ୍କାର କ୍ରୀଡ଼ା ଭିତ୍ତିଭୂମି ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୨

ନ୍ୟୁଜ୍ ବ୍ୟୁରୋ

ରାଜ୍ୟ କ୍ରୀଡ଼ା କ୍ଷେତ୍ରରେ ଆଉ ଏକ ଇତିହାସ । ୬୬୦ କୋଟି ଟଙ୍କାର କ୍ରୀଡ଼ା ଭିତ୍ତିଭୂମି ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । କ୍ରୀଡ଼ା କ୍ଷେତ୍ରକୁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ଆସିଥିବା ବେଳେ ଆଜି ଏଥିରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି ।

ବିଶ୍ୱର ସର୍ବବୃହତ ହକି ଷ୍ଟାଡିୟମ ନିକଟରେ ନିର୍ମିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଓ ଜିମନାଷ୍ଟିକ ଏକାଡେମୀ ଉଦଘାଟିତ ହୋଇଛି । ଏହାସହ ସୁନ୍ଦରଗଡ଼ ଜିଲ୍ଲାର ୧୦ଟି ସ୍ଥାନରେ ନିର୍ମିତ ହକି ପ୍ରଶିକ୍ଷଣ କେନ୍ଦ୍ର ଓ ବୀରମିତ୍ରପୁରରେ ନିର୍ମିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମର ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

୬୬୦ କୋଟି ଟଙ୍କା ବ୍ୟୟ ଅଟକଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମିତ ହୋଇଥିବା କ୍ରୀଡ଼ା ଭିତ୍ତିଭୂମିର ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ । ରାଉରକେଲା ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଓ ଜିମନାଷ୍ଟିକ ଏକାଡେମୀ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ରହିଛି । ଏଥିରେ ଟେବୁଲ ଟେନିସ, ଜିମ୍, ୱେଟ ଲିଫଟିଂ, ଯୋଗ କକ୍ଷ, ବ୍ୟାୟମଶାଳା, ଜିମ୍ନାଷ୍ଟିକ ଉପକରଣ ଓ ଅତ୍ୟାଧୁନିକ ଶୌଚାଳୟ ସୁବିଧା ରହିଛି । ବିଶ୍ୱର ସର୍ବ ବୃହତ ହକି ଷ୍ଟାଡିୟମ ନିକଟରେ ନିର୍ମିତ ହୋଇଛି ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଓ ଜିମନାଷ୍ଟିକ ଏକାଡେମୀ ।

ରାଜ୍ୟରେ ୪୮ଟି ଇନଡୋର ଷ୍ଟାଡିୟମ ଓ ୧୨ଟି ହକି ପ୍ରଶିକ୍ଷଣ କେନ୍ଦ୍ରର ଶୁଭ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ । କଟକ ଟେବୁଲ ଟେନିସ ଏକାଡେମୀ, ରାଉରକେଲା *(ଭିତର ପୃଷ୍ଠାରେ)*





## କଲ୍ୟାଣୀ ଷ୍ଟିଲ ସହ ଓଡ଼ିଶା ସରକାରଙ୍କ ଏମଓୟୁ ସ୍ୱାକ୍ଷର

## ପ୍ରତିଷ୍ଠା ହେବ ଟାଇଟାନିୟମ ମେଟାଲ ଏବଂ ଏରୋସ୍ପେସ ଉପାଦାନ କମ୍ପ୍ଲେକ୍ସ

### ୧୧,୭୫୦ କୋଟି ନିବେଶ, ୧୦ ହଜାର ନିଯୁକ୍ତି

ଭୁବନେଶ୍ୱର, ୨୩।୨

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ତିଆରି ହେବ ପ୍ରତିରକ୍ଷା ଓ ବିମାନ ଯନ୍ତ୍ରାଂଶ । ଏଥିପାଇଁ ଶୁକ୍ରବାର ରାଜ୍ୟ ସରକାରଙ୍କ ସହ କଲ୍ୟାଣୀ ଷ୍ଟିଲ ଏମଓୟୁ ସ୍ୱାକ୍ଷର କରିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷର କରାଯାଇଛି । ଓଡିଶାରେ ଟିଟାନିୟମ୍ ମେଟାଲ, ଏରୋସ୍ପେସ୍ କମ୍ପୋନେଣ୍ଟ ମାନୁଫାକଚରିଂ ୟୁନିଟ୍ ସହ ଅଟୋମୋଟିଭ୍ କମ୍ପୋନେଣ୍ଟ ମାନୁଫାକଚରିଂ କମ୍ପ୍ଲେକ୍ସ ପ୍ରତିଷ୍ଠା ହେବ । ଏଥିପାଇଁ ଢେଙ୍କାନାଳ ଜିଲ୍ଲାର ଗଜମରାରେ ୧୧ ଶହ ଏକର ଜମି ଚିହ୍ନଟ ହୋଇଛି । ଏହି ପ୍ରକଳ୍ପ କାମ ଆସନ୍ତା ସେପ୍ଟେମ୍ବରରୁ ଆରମ୍ଭ ହେବ ଏବଂ ୨୪ ମାସରେ ଏହାର ଉତ୍ପାଦନ ଆରମ୍ଭ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ପ୍ରକଳ୍ପ ପାଇଁ ୨ ପର୍ଯ୍ୟାୟରେ ପୁଞ୍ଜି ନିବେଶ ହେବାକୁ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୧ ହଜାର ୭୫୦ କୋଟି ଟଙ୍କା ନିବେଶ ହେବ । ଏହି ପ୍ରକଳ୍ପ ପ୍ରତିଷ୍ଠା ହେଲେ ୧୦ ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ ବୋଲି ଆକଳନ କରାଯାଇଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆଗେଇ ଆସିଥିବା କଲ୍ୟାଣୀ ଷ୍ଟିଲ୍ *(ଭିତର ପୃଷ୍ଠାରେ)*






TATA MOTORS

Light Commercial Vehicles Dealers

24 hours help line :

Sales : 7873770000


## ଏକାମ୍ର ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର, ୨୩।୨ : ନ୍ୟୁଜ୍ ବ୍ୟୁରୋ

ଦ୍ରୁତଗତିରେ ଆଗେଇ ଚାଲିଛି ଏକାମ୍ର ପ୍ରକଳ୍ପର ରୂପାନ୍ତରଣ କାମ । ଶୁକ୍ରବାର ସକାଳୁ ସକାଳୁ ଏକାମ୍ର ବିକାଶ ପ୍ରକଳ୍ପର ଟିକିନିଖି ସମୀକ୍ଷା କରିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ସକାଳ ୬.୩୦ରୁ ୭.୩୦ ପର୍ଯ୍ୟନ୍ତ ପ୍ରକଳ୍ପ ବୁଲିଦେଖିବା ସହ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଭକ୍ତଙ୍କ ସୁବିଧା ଓ ଏକାମ୍ରକ୍ଷେତ୍ରରେ ଆଧ୍ୟାତ୍ମିକ ପରିବେଶ କିପରି ସୃଷ୍ଟି କରାଯାଇପାରିବ, ପରିକ୍ରମା କରିଡରରେ ଉଦ୍ୟାନ ଓ ପଥର କାରୁକାର୍ଯ୍ୟ କରିବାକୁ ସେ *(ଭିତର ପୃଷ୍ଠାରେ)*



## ସ୍ୱାବଲମ୍ବୀ କାରିଗରଙ୍କ ପାରିଶ୍ରମିକ ୪ ହଜାରରୁ ୬,୫୦୦କୁ ବୃଦ୍ଧି

ଭୁବନେଶ୍ୱର, ୨୩।୨ : ନ୍ୟୁଜ୍ ବ୍ୟୁରୋ

ସ୍ୱାବଲମ୍ବୀ କାରିଗରମାନଙ୍କ ପ୍ରାପ୍ୟ ବୃଦ୍ଧି କଲେ ରାଜ୍ୟ ସରକାର । ପାରିଶ୍ରମିକ ୪,୦୦୦ ଟଙ୍କାରୁ ୬,୫୦୦ ଟଙ୍କାକୁ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ରାଜ୍ୟର ଗ୍ରାମ ପଞ୍ଚାୟତ ମାନଙ୍କରେ କାମ କରୁଥିବା ସ୍ୱାବଲମ୍ବୀ କାରିଗର ମାନଙ୍କର ପାରିଶ୍ରମିକ ବୃଦ୍ଧି କରିଛନ୍ତି । ସେମାନଙ୍କ ବର୍ତ୍ତମାନର ପାରିଶ୍ରମିକ ୪୦୦୦ ଟଙ୍କା ଥିବାବେଳେ, ନୂତନ ପାରିଶ୍ରମିକ ୬୫୦୦ ଟଙ୍କାକୁ ବୃଦ୍ଧି ପାଇଛି । ଏହା ବର୍ତ୍ତମାନର ପାରିଶ୍ରମିକ ଠାରୁ ୬୨.୫୦ ପ୍ରତିଶତ ଅଧିକ । ଏହାଦ୍ୱାରା ରାଜ୍ୟର ୧୩ ହଜାର ସ୍ୱାବଲମ୍ବୀ କାରିଗର ଉପକୃତ ହେବେ ।

ସୂଚନାଯୋଗ୍ୟ ଯେ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ ବିଭିନ୍ନ ସ୍ଥାନରୁ *(ଭିତର ପୃଷ୍ଠାରେ)*




ମ୍ୟାଚ୍ ସମୟରେ ଅଘଟଣ, ହାର୍ଟ ଆଟାକ୍‌ରେ ଚାଲିଗଲା ଯୁବ କ୍ରିକେଟରଙ୍କ ଜୀବନ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୧ • ସଂଖ୍ୟା–୨୯ • ୨୪ ଫେବୃୟାରୀ ୨୦୨୪, ଶନିବାର • ଭୁବନେଶ୍ୱର • Vol -31 • Issue-29 • 24th February 2024, Saturday • Bhubaneswar | Licensed to post without pre-payment of postage No- BN-60/22-24







## ପ୍ରାକ୍ ନିର୍ବାଚନୀ ଜାତୀୟ ସର୍ଭେ

# ୨୦୨୪ ନିର୍ବାଚନରେ ବିଜେଡ଼ି ଜିତିବ ୧୨୮ ବିଧାନସଭା ଆସନ

**ଭୁବନେଶ୍ୱର, ୨୩।୨ : ନ୍ୟୁଜ୍ ବ୍ୟୁରୋ**

୨୦୨୪ ନିର୍ବାଚନରେ ପୁଣି ବିଜେଡ଼ି ବାଜିମାତ୍ କରିବ। ଏହି ନିର୍ବାଚନ ବିଜେଡ଼ି ପାଇଁ ହେବାକୁ ଯାଉଛି ଐତିହାସିକ। କାରଣ ଏହି ନିର୍ବାଚନରେ ବିଜେଡ଼ି ରେକର୍ଡ ସଂଖ୍ୟାରେ ବିଧାନସଭା ଆସନ ଜିତିବାକୁ ଯାଉଛି । ଖାଲି ସେତିକି ନୁହେଁ, ଏହାସହ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ୧୯୯୦ ମସିହାରେ ଜନତା ଦଳ ୧୨୩ ବିଧାନସଭା ଆସନରେ



ଜିତିଥିବା ବେଳେ ଏବେ ୨୦୨୪ ନିର୍ବାଚନରେ ସେହି ରେକର୍ଡକୁ ବିଜେଡ଼ି ଭାଙ୍ଗିବାକୁ ଯାଉଛି। ଅର୍ଥାତ ୨୦୨୪ ନିର୍ବାଚନରେ ବିଜେଡ଼ି ଓଡ଼ିଶାର ୧୪୭ ବିଧାନସଭା ଆସନ ମଧ୍ୟରୁ ୧୨୮ରୁ ଊର୍ଦ୍ଧ୍ୱ ଆସନରେ ଜିତିବାକୁ ଯାଉଛି। ପ୍ରାକ ନିର୍ବାଚନୀ ଜାତୀୟ ସର୍ଭେ ରିପୋର୍ଟ ଅନୁସାରେ ଏହି ତଥ୍ୟ ସାମ୍ନାକୁ ଆସିଛି।

ସର୍ଭେ ଅନୁସାରେ ବିଜେପି ୧୩, କଂଗ୍ରେସ ୪, ସିପିଏମ ଗୋଟିଏ ଏବଂ *(ଭିତର ପୃଷ୍ଠାରେ)*

# ଓଡ଼ିଶାର ବିକାଶ ଦେଶବାସୀଙ୍କୁ ଆକର୍ଷିତ କରିଛି

**ଭୁବନେଶ୍ୱର, ୨୩।୨**
**ନ୍ୟୁଜ୍ ବ୍ୟୁରୋ**

ଆମ ରାଜ୍ୟ ଓଡ଼ିଶାର ବିକାଶ ସାରା ଦେଶବାସୀଙ୍କୁ ଆକର୍ଷିତ କରିଛି । ଓଡ଼ିଶା ଆଗକୁ ବଢୁଛି । ଆମର କାର୍ଯ୍ୟ ଏହା ପ୍ରଦର୍ଶିତ କରୁଛି । କୋଳାହଳ ନକରି ଆମେ ଏହି କାର୍ଯ୍ୟ କରି ଚାଲିଛନ୍ତି । ନ୍ୟୁଜ-୧୮ ପକ୍ଷରୁ 'ରାଇଜିଂ ଓଡ଼ିଶା କନକ୍ଲେଭ'ର ଶୁଭାରମ୍ଭ କରିବା ଅବସରରେ ଏମିତି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି ଅବସରରେ ଆୟୋଜିତ ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ରାଇଜିଂ ଓଡ଼ିଶା ଶୀର୍ଷକକୁ ବିବେଚନା କରିଥିବାରୁ ଓଡ଼ିଶା ବିକାଶ ଦେଶବାସୀଙ୍କୁ ଆକର୍ଷିତ କରିଛି।

ଏହି ଅବସରରେ ଓଡ଼ିଶା ରୂପାନ୍ତରଣର କାହାଣୀ କହିଛନ୍ତି ମୁଖ୍ୟମନ୍ତ୍ରୀ । ସେ କହିଛନ୍ତି




ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ରୂପାନ୍ତରଣ ଓ ସଶକ୍ତୀକରଣର କାହାଣୀ ପାଲଟିଛି। ବିପର୍ଯ୍ୟୟ ପ୍ରଶମନ ଏବଂ ଖାଦ୍ୟ ନିରାପତ୍ତା, ମହିଳା ସଶକ୍ତିକରଣ କ୍ଷେତ୍ରରେ ଓଡ଼ିଶା ରୋଲ ମଡେଲ ପାଲଟିଛି । ଆନ୍ତର୍ଜାତିକ ସ୍ତରର କ୍ରୀଡା ଆୟୋଜନ ସହ ପ୍ରଗତି କରି ବିଶ୍ୱସ୍ତରୀୟ ମଡେଲ ପାଲଟିଛି । ସ୍କୁଲଗୁଡିକର ରୂପାନ୍ତରଣ ପରେ ମାଲକାନଗିରି ଜିଲ୍ଲାର ଛାତ୍ର ସ୍ମାର୍ଟ କ୍ଲାସରୁମ ଏବଂ ଡିଜିଟାଲ ବୋର୍ଡରେ ପଢିବାର *(ଭିତର ପୃଷ୍ଠାରେ)*




30 YEARS
ସମ୍ବାଦ କଳିକା

# ପିଆଜ ଦର ନିୟନ୍ତ୍ରଣ ପାଇଁ ଅଣ୍ଟା ଭିଡିଲେ ସରକାର

ପିଆଜ ରପ୍ତାନୀ ଉପରେ ଘୋଷଣା କରାଯାଇଥିବା କଟକଣା ପୂର୍ବ ସମୟ ସୀମା ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଜାରି ରହିବ। ଦେଶରେ ପିଆଜ ଦର ନିୟନ୍ତ୍ରିତ ରଖିବା ପାଇଁ ଘରୋଇ ବଜାରରେ ଉପଲବ୍ଧତା ସୁନିଶ୍ଚିତ କରିବାକୁ ସରକାର ଉଦ୍ୟମ ଜାରି ରଖିଛନ୍ତି। ୮ ଡିସେମ୍ବର ୨୦୨୩ରେ କେନ୍ଦ୍ର ସରକାର ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ପିଆଜ ରପ୍ତାନୀ ଉପରେ ରୋକ ଲଗାଇଥିଲେ। ତାହା ଏପର୍ଯ୍ୟନ୍ତ କାୟମ ଥିବା ଖାଉଟି ବ୍ୟାପାର ସଚିବ ରୋହିତ କୁମାର ସିଂହ କହିଛନ୍ତି।

ପିଆଜ ରପ୍ତାନୀ କଟକଣା ହଟିବା ଖବରରେ ଦେଶରେ ପିଆଜ ଦର ଅଚାନକ ବଢି ଯାଇଛି। ଲାସଲଗାଉଁ ପାଇକାରୀ ବଜାରରେ ଫେବୃଆରୀ ୧୯ ତାରିଖ ଦିନ ପିଆଜ କ୍ୱିଣ୍ଟଲ ପିଛା ଦରରେ ୪୦.୬୨ ପ୍ରତିଶତ ବୃଦ୍ଧି ହୋଇ ୧,୮୦୦ଟଙ୍କା ସ୍ତରକୁ ପହଞ୍ଚିଥିଲା। ତେବେ ସରକାରୀ କଟକଣା ବଳବତ୍ତର ଥିବା ଜଣାପଡିବା ପରେ ପିଆଜ ଦର ପୁଣି ନିୟନ୍ତ୍ରଣକୁ ଆସିଯାଇଛି।

ଉପଭୋକ୍ତା ମନ୍ତ୍ରାଳୟ ୱେବସାଇଟ୍ ଅନୁସାରେ ଫେବୃଆରୀ ୧୯ ତାରିଖ ଦିନ ଖୁଚୁରା ବଜାରରେ ପିଆଜର ହାରାହାରି ଦର କେଜି ପିଛା ୩୨ଟଙ୍କା ୨୬ ପଇସା ଥିବା ବେଳେ ୨୦ ତାରିଖ ଦିନ ୩୨ଟଙ୍କା ୪୩ ପଇସା ଦରରେ କାରବାର ହୋଇଛି। ତେବେ ଛତିଶଗଡ଼ରେ ୧୯ ଫେବୃଆରୀ ତୁଳନାରେ ୨୦ ଫେବୃଆରୀ ଦିନ ପିଆଜ କେଜି ପିଛା ଦରରେ ୧୧.୪୬ ପ୍ରତିଶତ ମହଙ୍ଗା ହୋଇଥିଲା। ଏହା ଛଡା ଗତ ଦୁଇ ଦିନରେ ଗୋଆ, କର୍ଣ୍ଣାଟକ, ଉତ୍ତରାଖଣ୍ଡ, ତେଲେଙ୍ଗାନା, ନାଗାଲ୍ୟାଣ୍ଡ, ମିଜୋରାମ ଓ ୟୁପିରେ ଖୁଚୁରା ପିଆଜ ଦରରେ ସାମାନ୍ୟ ବୃଦ୍ଧି ହୋଇଥିଲେ ବି ବାକି ରାଜ୍ୟମାନଙ୍କରେ ପିଆଜ ଦର ସ୍ୱାଭାବିକ ରହିଛି।

ସୂତ୍ରରୁ ମିଳୁଥିବା ସୂଚନା ଅନୁସାରେ ଦେଶରେ ସାଧାରଣ ନିର୍ବାଚନ ପୂର୍ବରୁ ପିଆଜ ରପ୍ତାନୀ କଟକଣା ହଟିବାର ସମ୍ଭାବନା ନାହିଁ। କାରଣ ରବି ଋତୁରେ ମହାରାଷ୍ଟ୍ରରେ କମ୍ ଜମିରେ ପିଆଜ ଚାଷ ହୋଇଥିବାରୁ ଉତ୍ପାଦନ ହ୍ରାସ ହେବାର ଆଶଙ୍କା କରାଯାଉଛି। ୨୦୨୩ ରବି ଋତୁରେ ମୋଟ ପିଆଜ ଉତ୍ପାଦନ ୨.୨୭ କୋଟି ଟନ ହେବାର ଅନୁମାନ କରାଯାଉଛି। କୃଷିମନ୍ତ୍ରାଳୟଙ୍କ ଅଧିକାରୀମାନେ ଆଗାମୀ ଦିନରେ ମୁଖ୍ୟ ଉତ୍ପାଦନକାରୀ ରାଜ୍ୟ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଗୁଜରାଟରେ ରବି ପିଆଜ କଭରେଜର ଆକଳନ କରିବେ। ତେବେ ଅନ୍ତର-ମନ୍ତ୍ରୀ ସମୂହଙ୍କ ମଞ୍ଜୁରୀ ପରେ ମିତ୍ର ଦେଶଙ୍କୁ ସେମାନଙ୍କ ସହିତ ସମ୍ପର୍କ ଓ ଅନ୍ୟ ପରିସ୍ଥିତିକୁ ଦେଖି ପିଆଜ ରପ୍ତାନୀର ଅନୁମତି ଦିଆଯାଇଥିବା ଜଣାପଡିଛି।

## ଏଣୁ ତେଣୁ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# କାବ୍ୟ କୌଣ୍ଡିନ୍ୟ–୩୩

## କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜତ୍ୱର, ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

### ନାଗଦେଶରେ ସୋମାଙ୍କ ପ୍ରଥମଦିନ

ଯାହା ପୂର୍ବ ଗୀତମାନଙ୍କରେ ଘଟି ଅଛି, ତାହା ହେଲା ସୋମା ଓ କୌଣ୍ଡିନ୍ୟ ପାତାଳ ଦେଶରେ ବିବାହ କରିବା ପାଇଁ ଯାଇ ସୋମାଙ୍କ ପିତାମହ ରାଜାଙ୍କ ପ୍ରାସାଦରେ ପହଞ୍ଚିଲେ। ଏଠାରେ ସୋମାଙ୍କ ପ୍ରଥମ ଦିନ କିପରି ଗଲା ତାହା ଏ ଗୀତରେ ସ୍ଥାନିତ ହୋଇଛି। ଯାହା ପୂର୍ବରୁ କହିଛି ଯେ, ଅତି କଷ୍ଟକର ପରିସ୍ଥିତିରେ କିଛି ସ୍ୱରବର୍ଣ୍ଣକୁ ଗୀତଟିର ପ୍ରତି ଅଂଶର ପ୍ରଥମ ଅକ୍ଷର କରି ଲେଖିବା କାର୍ଯ୍ୟ ପୂର୍ବ ଗୀତରୁ ଆରମ୍ଭ ହୋଇଛି। ଚଳିତ ଗୀତରେ 'ଇ ଓ ଈ'କୁ ପ୍ରଥମ ଅକ୍ଷର ଭାବେ ଗୀତର ସମସ୍ତ ଅଂଶରେ ରଖି ସମଗ୍ର ଗୀତଟି ରଚନା କରାଯାଇଛି। ପଢନ୍ତୁ ଏପରି ଏକ ବିରଳ ଗୀତଟିକୁ।

ଇଂଦୁବଦନା ଚାଲେ ଇତସ୍ତତଃ ପ୍ରାସାଦେ
ଈଷତ୍ ଈଷତ୍ ହସୁଥାଏ
ଈଷିକା ହସ୍ତେ ଚିତ୍ର ଇତ୍ୟାଦି ଆଙ୍କୁଥାଏ
ଈଶଙ୍କୁ ଯାଇଣ ସେ ଦେଖାଏ ।।୧।।

ଇଷ୍ଟଦେବଙ୍କ ପାଶେ ଇଜ୍ୟା କରଇ ଯାଇ
ଇଚ୍ଛା ତା'ର ଯେ ହେବ ପୂରଣ
ଇୟତା ନାହିଁ ତା'ର ଇଦାନଂ ଆନନ୍ଦର
ଇଜ୍ୟା କାହୁଁ ଆସିବ ତା'ମନ ।।୨।।

ଈର୍ଷାଳୁ ନାରୀ କିଛି ଈର୍ଷା କରି କହିଲେ
ଇଂଦ୍ରିୟ ସଂଯମି ସେ ହସଇ
ଇହ ଜଗତେ ଅଟେ ଈର୍ଷା ତ ସାଧାରଣ
ଇତର ମଣି ଦିଏ ଏଡାଇ ।।୩।।

ଇନ୍ଦିବର ନୟନା ଇଚ୍ଛିଣ ଆଶୀର୍ବାଦ
ଇଜ୍ୟ ପିତାମହ ପାଶ ଗଲା
ଈପ୍‌ସିତ କଥାମାନ ଇତ୍ୟାଦି ବଖାଣିଲା
ଇତି ଯା'ର ଫଳପ୍ରଦ ହେଲା ।।୪।।



ଈଶ୍ୱରଙ୍କୁ ପ୍ରଣମି ଈଶଙ୍କ ପାଶେ ଗଲା
ଈକ୍ଷଣ କରି ହରଷ ବୀର
ଇହା ପୂରଣ ହେଲା ଇଦାନଂ ଦ୍ୱୟ ସୁଖୀ
ଇ ଈ ରେ କବି କରଇ ଶେଷ ।।୫।।

**ଶବ୍ଦାର୍ଥ:**

**ପଦ (୧)ରୁ (୩) :** ଇନ୍ଦୁବଦନା-ଚନ୍ଦ୍ରପରି ଯେଉଁ ନାରୀର ମୁଖ। ଈଷତ୍-କମ୍। ଈଷିକା-ତୁଳୀ ତୁଳିକା। ଈଶ- ପ୍ରଭୁ, ସ୍ୱାମୀ (କୌଣ୍ଡିନ୍ୟ)। ଇଜ୍ୟା-ପୂଜା। ଇୟତା ନାହିଁ-କଳନା କରି ହେବ ନାହିଁ। ଇଦାନଂ-ବର୍ତ୍ତମାନର। ଇଜ୍ୟା-ଲାଜ। ଇହଜଗତ- ଏ ପୃଥିବୀ। ଇତର-ପର।

**ପଦ (୪) ଓ (୫) :** ଇନ୍ଦିବର-ନୀଳ କଇଁଫୁଲ। ଇଜ୍ୟ-ପୂଜ୍ୟ। ଈପ୍‌ସିତ-ଇଚ୍ଛାକରୁଥିବା। ଇତି-ଶେଷ। ଈକ୍ଷଣ-ଦେଖି। ଇହା-ଇଚ୍ଛା।

# ବହୁଭାଷୀ ଶିକ୍ଷା ହେଉଛି ଆନ୍ତପିଢି ପାଇଁ ଶିକ୍ଷାର ସ୍ତମ୍ଭ



ହିମାଂଶୁ ଶେଖର ଆଚାର୍ଯ୍ୟ
ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ମାତୃଭାଷା ମା'ର ଭାଷା -ପ୍ରାଣର ଭାଷା। ମାତୃଭାଷା ସହିତ ପ୍ରତ୍ୟେକ ମଣିଷର ନାଡିର ସଂପର୍କ ରହିଛି । ଏଣୁ ମାତୃଭାଷାର ପ୍ରସାର ଓ ପ୍ରଚାର ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତିର ବାତାବରଣ ସୃଷ୍ଟି କରିଥାଏ । ବିଶେଷତଃ ଭାରତ ଭଳି ବହୁଭାଷାଭାଷୀ ଦେଶ ପାଇଁ ମାତୃଭାଷାର ସୁରକ୍ଷା ଅପରିହାର୍ଯ୍ୟ । ତାନହେଲେ ଭବିଷ୍ୟତରେ ଭାଷା ସଂକଟ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ମହାତ୍ମା ଗାନ୍ଧି କହିଥିଲେ, "ଜଣେ ଭାରତବାସୀ ନିଜ ମାତୃଭାଷା ଭୁଲିଯିବା, ଅବହେଳା କରିବା ବା ନିଜର ମାତୃଭାଷା ବ୍ୟବହାର କରୁଛି ବୋଲି ଲଜ୍ୟା ଅନୁଭବ କରିବା, ନିଜ ମାତୃଭାଷାରେ ଶ୍ରେଷ୍ଠ ଚିନ୍ତା ପ୍ରକାଶ କରିବାକୁ ଅସମର୍ଥ ହେବା ଏ କଥା ମୁ ସେମାନଙ୍କୁ ଅନୁଭବ କରିବାକୁ ଦେବିନାହିଁ" । ଜାପାନ ଓ ଚୀନ ଦେଶରେ ମାତୃଭାଷାରେ ସବୁକାର୍ଯ୍ୟ ଚାଲିଛି। ସେହି ଦୁଇଦେଶ ଆଜି ବିଜ୍ଞାନ, ଅର୍ଥ, ପ୍ରଯୁକ୍ତି ବିଦ୍ୟା, ସାହିତ୍ୟ ସବୁଦିଗରେ ବିଶ୍ୱ ଦରବାରରେ ନିଜକୁ ପ୍ରତିଷ୍ଠା କରିସାରିଲେଣି । ସେମାନଙ୍କ ଠାରୁ ଆମକୁ ବହୁତ କିଛି ଶିଖିବାର ଅଛି । ଚଳିତବର୍ଷ ଆନ୍ତର୍ଜାତିକ ମାତୃଭାଷା ଦିବସର ବିଷୟବସ୍ତୁ ରହିଛି 'ବହୁଭାଷୀ ଶିକ୍ଷା-ହେଉଛି ଆନ୍ତଃପିଢି ଶିକ୍ଷାର ସ୍ତମ୍ଭ ।' ଆଜି ମଧ୍ୟ ୨୫୦ ନିୟୁତ ଶିଶୁ ଓ ଯୁବକ ବିଦ୍ୟାଳୟକୁ ଯାଉନାହାଁନ୍ତି । ଏପରିକି ୭୬୩ ନିୟୁତ ବୟସ୍କ ବ୍ୟକ୍ତି ମଧ୍ୟ ମୌଳିକ ସାକ୍ଷରତା ଦକ୍ଷତା ଶିକ୍ଷା ହାସଲ କରିନାହାଁନ୍ତି । ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ ଆମ ପାଇଁ ସଂକଳ୍ପ ଓ ସମର୍ପଣର ଦିବସ ହେଉ ।

ଏହି କଥାକୁ ଲକ୍ଷ୍ୟ ରଖି "ୟୁନେସ୍କୋ"୧୯୯୯ ମସିହା ନଭେମ୍ବର ୧୭ ତାରିଖରେ ଘୋଷଣା କଲା ଯେ ଫେବୃଆରୀ ୨୧ ତାରିଖକୁ ସମଗ୍ର ବିଶ୍ୱରେ ଆନ୍ତର୍ଜାତିକ ମାତୃଭାଷା ଦିବସ ରୂପେ ପାଳନ କରାଯାଉ। ତଦନୁଯାୟୀ ୨୦୦୦ ମସିହା ଠାରୁ ଫେବୃୟାରୀ ୨୧ ତାରିଖକୁ ଆନ୍ତର୍ଜାତିକ ମାତୃଭାଷା ଦିବସ ରୂପେ ପାଳନ କରାଯାଇ ଆସୁଅଛି । ଉଦ୍ଦେଶ୍ୟ ହେଲା ଭାରତ ପରି ବହୁଭାଷାଭାଷୀ ଦେଶରେ ପ୍ରତ୍ୟେକ ରାଜ୍ୟ ତା'ର ମାତୃଭାଷାକୁ ସମଭାବରେ ସମ୍ମାନ ଦେଲେ ରାଜ୍ୟରାଜ୍ୟ ମଧ୍ୟରେ ତଥା ଦେଶରେ ସେହ୍ନ, ଭାଇଚାରା ଓ ସ୍ୱଦେଶ ପ୍ରେମ ଜାଗ୍ରତ ହେବ । ଏପରି ହେଲେ ରାଜ୍ୟର ସମୃଦ୍ଧି ହେବ ଓ ସାମଗ୍ରିକ ଭାବେ ଦେଶର ମଧ୍ୟ ସମୃଦ୍ଧି ହେବ । ଏହା ଯେଭଳି ଭାରତ ପାଇଁ ପ୍ରଯୁଜ୍ୟ ପୃଥିବୀର ଅନ୍ୟ ଦେଶମାନଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ଭାବେ ପ୍ରଯୁଜ୍ୟ । ସମୀକ୍ଷକମାନଙ୍କ ମତରେ ଏବେ ବିଶ୍ୱରେ ପ୍ରାୟ ୬ ରୁ ୭ ହଜାର ଭାଷା ରହିଛି। କିନ୍ତୁ ଆଗାମୀ ଏକ ବିଂଶ ଶତାବ୍ଦୀ ଶେଷ ସୁଦ୍ଧା ହୁଏତ ଏଥିରୁ ୯୦ ଭାଗ ଭାଷାର ଅସ୍ତିତ୍ୱ ଲୋପ ପାଇବ। କାରଣ ଅଧୁନା ବିଶ୍ୱର ଶତକଡା ୯୫ ଭାଗ ଲୋକ ମାତ୍ର ୧୦୦ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି। ଆହୁରି ଆଶ୍ଚର୍ଯ୍ୟର କଥା ଯେ ବିଶ୍ୱରେ ପ୍ରାୟ ଅର୍ଦ୍ଧେକ ଲୋକ ମାତ୍ର ୮ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି ଯଥା: ଚୀନ, ଇଂରାଜୀ, ହିନ୍ଦୀ, ସ୍ପେନିଶ୍, ରୁଷ, ବଙ୍ଗଳା, ଆରବୀ ଓ ପର୍ତ୍ତୁଗୀଜ।

ଆଜି ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ କରାଯିବା ଅବସରରେ ଆମ ମାତୃଭାଷା ଓଡିଆର ସ୍ଥିତି କେଉଁଠି ତାହା ନକହିବା ଭଲ । ୧୯୩୬ ମସିହା ଏପ୍ରିଲ୍ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ଏକ ଐତିହାସିକ ଘଟଣା। ବହୁ ଘାତ ପ୍ରତିଘାତ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବଂଧୁ ଦାସ, ପାରଳା ରାଜା କୃଷ୍ଣଚନ୍ଦ୍ର ଦେବ ପ୍ରମୁଖ ମହାନ୍ ବରପୁତ୍ରମାନଙ୍କ ଉଦ୍ୟମ ଫଳରେ ଓଡିଆ ଭାଷାଭାଷୀ ଅଂଚଳକୁ ନେଇ ଏଇ ସ୍ୱପ୍ନ ସାକାର ହେଲା। ମାତ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୭ ବର୍ଷ ପରେ ବି ଦିନକୁ ଦିନ ଆମ ଭାଷାର ଅବକ୍ଷୟ ଘଟୁଛି। ଆମ ଭାଷା ପ୍ରତି ଆମର ମମତା ନାହିଁ, ନାହିଁ ମଧ୍ୟ ଆନ୍ତରିକତା। ଭାଷାର ପ୍ରସାର ପ୍ରଚାର ତ ଦୂରର କଥା, ଓଡିଆ ଭାଷାରେ କଥାବାର୍ତ୍ତା ହେଉଥିବା ଲୋକଙ୍କ ସଂଖ୍ୟା ବେଳକୁ ବେଳ କମିବାରେ ଲାଗିଛି । କେବଳ ସେତିକି ନୁହେଁ, ଆମ ଓଡିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ନାହିଁ । ପତ୍ରପତ୍ରିକା, ନାଟକ, ଉପନ୍ୟାସ,ଗଳ୍ପ ଓ କବିତା କଥା ପଚାରେ କିଏ ?ହିନ୍ଦୀ, ବଙ୍ଗଳା, ଇଂରାଜୀ ପତ୍ରପତ୍ରିକା ପ୍ରେମରେ ଆମେ ପଡିଯାଇଛୁ । ଅଥଚ ଓଡିଆ ସହିତ୍ୟ ଭାରତ ବର୍ଷର ଅନ୍ୟତମ ପ୍ରାଚୀନ ସାହିତ୍ୟ । ଏ ମାଟିର କବି ସାରଳା ଦାସ ମହାଭାରତ ଲେଖି ବେଦବ୍ୟାସ ପାଲଟି ଯାଇଛନ୍ତି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଲଳିତ ପଦାବଳୀର କବି ଜୟଦେବ, କଥା ସମ୍ରାଟ ଫକୀର ମୋହନ, ଭାଗବତ ପ୍ରଣେତା ଜଗନ୍ନାଥ ଦାସଙ୍କ ସୃଷ୍ଟି ସମ୍ଭାର ଭାରତୀୟ ଭାଷା ସାହିତ୍ୟରେ ଦୁର୍ଲଭ । ଏସବୁ ସତ୍ତ୍ୱେ ଆଧୁନିକ ଭାରତରେ ଅନ୍ୟାନ୍ୟ ରାଜ୍ୟ ଓ ଭାଷା ତୁଳନାରେ ଆମ ଭାଷାର ପ୍ରଚାର ଓ ପ୍ରସାର ଆଶାନୁରୂପ ହୋଇପାରିନାହିଁ । ଏହାର ମୂଳ କାରଣ ହେଉଛି ଏ ପର୍ଯ୍ୟନ୍ତ ଓଡିଆ ଭାଷା ସଂପୂର୍ଣ୍ଣ ଭାବେ ସରକାରୀ ଭାଷାର ପୂର୍ଣ୍ଣ ମାନ୍ୟତା ପାଇନାହିଁ । ୧୯୫୪ ମସିହାରେ ତତ୍‌କାଳୀନ ରାଜ୍ୟ ସରକାର ଓଡିଆ ଭାଷାକୁ ସରକାରୀ ଭାଷାକରିବା ପାଇଁ ଅଧିନିୟମ ପ୍ରଣୟନ କରିଥିଲେ । ଏଥିପାଇଁ ଶବ୍ଦକୋଷ ସଂକଳନ କରାଯାଇଥିଲା । ମାତ୍ର ତାହା ଅଧାପନ୍ତରିଆ ହୋଇରହିଗଲା । ପୁନଶ୍ଚ ୧୯୮୫ ମସିହାରେ ଓଡିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେବାପାଇଁ ତତ୍‌କାଳୀନ ସରକାର ନିଷ୍ପତି ଗ୍ରହଣ କରିଥିଲେ । ଏଥିପାଇଁ ଆବଶ୍ୟକୀୟ ପଦକ୍ଷେପ ମଧ୍ୟ ନିଆଯାଇଥିଲା । ଏପରିକି ଓଡିଆ ଟାଇପ୍ ମେସିନ୍ କିଣାଯାଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯୋଗାଇ ଦିଆଯାଇଥିଲା। କିନ୍ତୁ ଆନ୍ତରିକତା ଓ ଇଚ୍ଛାଶକ୍ତି ଅଭାବରୁ ତାହା ମଧ୍ୟ ଆଗେଇ ପାରିଲା ନାହିଁ । ଖୁସିର କଥା ସରକାର "ଓରିଆ କୁ ଓଡିଆ" ଓ "ଓରିଶା କୁ ଓଡିଶା" କରିବାର ଠିକଣା ପଦକ୍ଷେପ ନେଇଛନ୍ତି । ଇତି ମଧ୍ୟରେ ଓଡିଆ ଭାଷା ୬ଷ୍ଠ ଭାରତୀୟ ଭାଷା ଓ ପ୍ରଥମ ଆର୍ଯ୍ୟଭାଷା ଭାବେ ଶାସ୍ତ୍ରୀୟ ମାନ୍ୟତା ପାଇଛି। ଯେଉଁ ଭାଷାକୁ ଦିନେ ଅନ୍ୟମାନେ ଆଡନଜରରେ ଦେଖୁଥିଲେ ଓ ଓଡିଆ ଭାଷା ଏକ ଭାଷା ନୁହେଁ ବୋଲି କହୁଥିଲେ ସେ ଭାଷା ଆଜି ଜାତୀୟ ସ୍ୱୀକୃତି ଲାଭ କରିଛି । ଇତି ମଧ୍ୟରେ ରାଜ୍ୟ ସରକାର ୧୯୫୪ଭାଷା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନେବାସହିତ ଆସନ୍ତା ୨୦୧୮ ମସିହା ଏପ୍ରିଲ ପହିଲା ଉତ୍କଳ ଦିବସରୁ ସାରା ରାଜ୍ୟରେ ଓଡିଆ ଭାଷାରେ ସବୁ ସରକାରୀ କାର୍ଯ୍ୟକ୍ରମ ହେବ ବୋଲି ଗତ ଡିସେମ୍ବର ୨୬ ତାରିଖରେ ପୁରୀ ଠାରେ ମୁଖ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଗୁରୁତ୍ୱ ପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଓଡିଆ ଭାଷାର ବ୍ୟାପକ ପ୍ରସାର ଓ ପ୍ରଚାର ପାଇଁ ବିଂଶ ସୂତ୍ରୀ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ନିକଟରେ ରାଜ୍ୟ ସରକାର ପ୍ରଥମଓଡିଆ ଭାଷା ସମ୍ମିଳନୀ ଭୁବନେଶ୍ୱର ଠାରେ ଧୁଧାମରେ ପାଳନ କରିଛନ୍ତି । ଓଡିଆ ଭାଷାର ପ୍ରସାର ଓ ପ୍ରଚାର ପାଇଁ ଏକ ଅଭିନବ ପଦକ୍ଷେପ ନେଇଛନ୍ତି । ଏଥରପାଇଁ ରାଜ୍ୟ ସରକାର ପ୍ରଶଂସାର ପାତ୍ର ।

ଏକ ତଥ୍ୟ ମୁତାବକ, ସମଗ୍ର ଓଡିଶାରେ ୫୮ ପ୍ରକାର କଥିତ ଭାଷା ପ୍ରଚଳିତ ଅଛି । ତେବେ ଓଡିଶାରେ ଓଡିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ରାଜ୍ୟର ପ୍ରାନ୍ତୀୟ କ୍ଷେତ୍ର ପଶ୍ଚିମ ଓଡିଶାରେ ସମ୍ବଲପୁରୀ (କୋଶଳି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତ୍ତର ଓଡିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ । ରାଜ୍ୟରେ ଥିବା ଆଦିବାସୀ ମାନଙ୍କର ନିଜସ୍ୱ ଭାଷା ଯଥା: ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟରେ ଅସମୀୟା, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲଗୁ ଆଦି ଭାଷା ମଧ୍ୟ ବ୍ୟବହୃତ ହୁଏ । ପରିବର୍ତ୍ତିତ ପରସ୍ଥିତିରେ ଭାଷାର ପ୍ରସାର-ପ୍ରଚାର ତ ଦୁରର କଥା ଓଡିଆ ଭାଷାରେ କଥାବାର୍ତ୍ତା ହେଉଥିବା ଲୋକଙ୍କ ସଂଖ୍ୟା ବେଳକୁ ବେଳ କମିବାରେ ଲାଗିଛି । ମା'ର ଭାଷା, ମାଟିର ଭାଷା ଆମ ପାଇଁ ଅଲୋଡା ହୋଇଯାଇଅଛି । ଏବେ ଚିନ୍ତା କରିବାର ବେଳ ଆସିଛି। ମାତୃଭୂମି ଓ ମାତୃଭାଷାକୁ ଉପେକ୍ଷା କରି କେହି କେବେ ବଡ ହୋଇନାହିଁ। ଆମ ଭିତରେ ଥିବା ହୀନମନ୍ୟତାକୁ ଦୂର କରିବାକୁ ହେବ । ଇଂରାଜୀ ସମେତ ଅନ୍ୟ ଭାଷା ଶିଖିବାକୁ ମନା ନାହିଁ । କିନ୍ତୁ ଆମକୁ ପ୍ରଥମେ ଆମ ମାତୃଭାଷା ଶିଖିବାକୁ ହେବ, ଠିକ ଭାବରେ ଲେଖିବାକୁ ହେବ ଏବଂ ମାତୃଭାଷାରେ ଲିଖିତ ପୁସ୍ତକ ଅଧ୍ୟୟନ କରି ଆମ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଚିହ୍ନିବାକୁ ହେବ । ତାହାଲେ ଯାଇ ଆମେ ସଗର୍ବେ କହି ପାରିବା "ଓଡିଆ" ବୋଲି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**



ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସବସ୍ୱ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସବସଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଲାକମସ୍ୱ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କମସ୍ୱକୁ ନିନ୍ଦିବ ( ୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବକରେ କମସ୍ୱକର
ନିଷ୍ଠେହେବ ପାରି (୧୭୭)

କରାଇବା କରୁଥିବା
ଯେତେ କମସ୍ୱମାନ
ହୃଦୟରେ ବିବେକକୁ
କରିବ ସ୍ମରଣ
(୧୭୮)

(କ୍ରମଶଃ)

# ଇଲୋକ୍ଟରାଲ ବଣ୍ଡ



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

ଦେଶର ସର୍ବୋଚ୍ଚନ୍ୟାଳୟର କହିବା ମୁତାବକ ଏହି ଇଲୋକ୍ଟରାଲ ବଣ୍ଡ କଳାଧନକୁ ଧଳା କରିବା ପାଇଁ ଏକ ମାଧ୍ୟମ ମଧ୍ୟ ହୋଇ ପାରେ। ଏହି ବଣ୍ଡ ଦ୍ୱାରା ଭିନ୍ନ ଭିନ୍ନ ରାଜନୈତିକ ଦଳଙ୍କୁ ବଡ ବଡ କର୍ପୋରେଟ ହାଉସ ବା ବ୍ୟବସାୟୀ ଚାନ୍ଦା ଦେଇଥାନ୍ତି ଏବଂ ସେମାନଙ୍କର ନାମ ଗୋପନୀୟ ରଖାଯାଇ ଥାଏ।ଏମିତି ଏକ ବ୍ୟବସ୍ଥା ଆମ ଦେଶରେ ଆଗରୁ ନଥିଲା। ଏହି ସ୍କିମକୁ (ଇଲୋକ୍ଟରାଲ ବଣ୍ଡ)କୁ ୨୦୧୭ ରେ ନରେନ୍ଦ୍ର ମୋଦିଙ୍କ ସରକାର ଦ୍ୱାରା ୟୁନିୟନ ବଜେଟରେ ଅଣାଯାଇଥିଲା। ଏହି ଇଲୋକ୍ଟରାଲ ବଣ୍ଡର ମୂଳ ଉଦ୍ଦେଶ୍ୟ ହେଉଛି ରାଜନୈତିକ ଦଳମାନେ ଅଜଣା ଲୋକଙ୍କ ଠାରୁ ଚାନ୍ଦା ନେଇ ପାରିବେ। ଚାନ୍ଦା ଦେଇଥିବା ଲୋକ ମାନଙ୍କ ନାମ ଅନ୍ୟମାନେ ଜାଣି ପାରିବେ ନାହିଁ । ଏମିତି ବେଆଇନ ଧନରେ ଅନେକ ଇଲେକସନ ଲଢା ଯାଇଛି। ଡୋନାର ବା ଚାନ୍ଦା ଦେଇଥିବା ବ୍ୟକ୍ତି ନିଜର ନାମ ବା ପରିଚୟ ଇଲୋକ୍ଟରାଲ ବଣ୍ଡ କିଣିବା ବେଳେ ବ୍ୟାଙ୍କକୁ ଜଣାଇବ କିନ୍ତୁ ବ୍ୟାଙ୍କ ଚାନ୍ଦା ଦେବା ଲୋକର ନାମ ଅନ୍ୟମାନଙ୍କ ପାଖରୁ ଗୋପନୀୟ ରଖିବ, ଏହି ପରିବର୍ତ୍ତନ ଆଣିବା ଦ୍ୱାରା ବା ଇଲୋକ୍ଟରାଲ ବଣ୍ଡକୁ ଲାଗୁ କରିବା ଦ୍ୱାରା କମ୍ପାନୀ ଏକ୍ଟରେ ଯେଉଁ ନିୟମ ଥିଲା ତାହା ଆଉରହିଲା ନାହିଁ ତାର ଉଲଘଂନ ହେଲା। କମ୍ପାନୀ ମାନେ ରାଜନୈତିକ ଦଳ ମାନଙ୍କୁ ଯାହା ବି ଡ଼ୋନେସନ ଦେବେ ତାକୁ ସାର୍ବଜନୀନ କରିବେ, ତାହା ଆଉ ରହିଲା ନାହିଁ। ତା ସହିତ କମ୍ପାନୀ ମାନେ ନିଜର ତିନି ବର୍ଷର ଲାଭ ର ମାତ୍ର ୭ .୫ % ରାଜନୈତିକ ଦଳଙ୍କୁ ଚାନ୍ଦା ଆକାରରେ ଦେଇ ପାରିବାର ବ୍ୟବସ୍ଥା ଆଗରୁ ରହିଥିଲା ସେହି ବ୍ୟବସ୍ଥା ଆଉ ରହିଲା ନାହିଁ।

ଇଲୋକ୍ଟରାଲ ବଣ୍ଡକୁ ଭାରତର ସର୍ବୋଚ୍ଚନ୍ୟାଳୟ ଅସମ୍ବିଧାନିକ ବୋଲି ଘୋଷଣା କରି ଏହା ଉପରେ ରୋକ ଲଗାଇଛି।ଗତ ଗୁରୁବାର ୧୫ ଫେବୃୟାରୀ ରେ ଏହି ଐତିହାସିକ ରାୟ ଆସିଥିଲା। ସୁପ୍ରିମ କୋର୍ଟର ପାଞ୍ଚ ଜଣିଆ ଖଣ୍ଡପୀଠ ଓ ମୁଖ୍ୟ ବିଚାରପତି ମିଳିତ ଭାବରେ ଏହି 'ଇଲୋକ୍ଟରାଲ ବଣ୍ଡକୁ ରୋକିବା ପାଇଁ ରାୟ ଦେଇଛନ୍ତି।ଏହା ସହିତ ସେମାନେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଆଗକୁ କୌଣସି ପ୍ରକାର ଇଲୋକ୍ଟରାଲ ବଣ୍ଡକୁ ଷ୍ଟେଟ ବ୍ୟାଙ୍କ ସୀକୃତି ଦେବ ନାହିଁ ଏବଂ ୨୦୧୮ ଠାରୁ ଦିଆଯାଇଥିବା ଇଲୋକ୍ଟରାଲ ବଣ୍ଡକୁ କିଏ ଦେଇଛି ଓ କିଏ ନେଇଛି ତାକୁ ସାର୍ବଜନୀନ କରିବ। ନିଜ ୱେବସାଇଟରେ ପୋଷ୍ଟ କରିବ ଓ ଇଲେକସନ କମିଶନଙ୍କୁ ମଧ୍ୟ ଜଣାଇବ ।

ଦେଶର ସର୍ବୋଚ୍ଚନ୍ୟାଳୟର କହିବା ମୁତାବକ ଏହି ଇଲୋକ୍ଟରାଲ ବଣ୍ଡ କଳାଧନକୁ ଧଳା କରିବା ପାଇଁ ଏକ ମାଧ୍ୟମ ମଧ୍ୟ ହୋଇ ପାରେ।ଏହି ବଣ୍ଡ ଦ୍ୱାରା ଭିନ୍ନ ଭିନ୍ନ ରାଜନୈତିକ ଦଳଙ୍କୁ ବଡ ବଡ କର୍ପୋରେଟ ହାଉସ ବା ବ୍ୟବସାୟୀ ଚାନ୍ଦା ଦେଇଥାନ୍ତି ଏବଂ ସେମାନଙ୍କର ନାମ ଗୋପନୀୟ ରଖାଯାଇ ଥାଏ।ଏମିତି ଏକ ବ୍ୟବସ୍ଥା ଆମ ଦେଶରେ ଆଗରୁ ନଥିଲା।

ଏହି ସ୍କିମକୁ (ଇଲୋକ୍ଟରାଲ ବଣ୍ଡ)କୁ ୨୦୧୭ ରେ ନରେନ୍ଦ୍ର ମୋଦିଙ୍କ ସରକାର ଦ୍ୱାରା ୟୁନିୟନ ବଜେଟରେ ଅଣାଯାଇଥିଲା।ଏହି ଇଲୋକ୍ଟରାଲ ବଣ୍ଡର ମୂଳ ଉଦ୍ଦେଶ୍ୟ ହେଉଛି ରାଜନୈତିକ ଦଳମାନେ ଅଜଣା ଲୋକଙ୍କ ଠାରୁ ଚାନ୍ଦା ନେଇ ପାରିବେ।ଚାନ୍ଦା ଦେଇଥିବା ଲୋକ ମାନଙ୍କ ନାମ ଅନ୍ୟମାନେ ଜାଣି ପାରିବେ ନାହିଁ।ଏମିତି ବେଆଇନ ଧନରେ ଅନେକ ଇଲେକସନ ଲଢା ଯାଇଛି।

ଡୋନାର ବା ଚାନ୍ଦା ଦେଇଥିବା ବ୍ୟକ୍ତି ନିଜର ନାମ ବା ପରିଚୟ ଇଲୋକ୍ଟରାଲ ବଣ୍ଡ କିଣିବା ବେଳେ ବ୍ୟାଙ୍କକୁ ଜଣାଇବ କିନ୍ତୁ ବ୍ୟାଙ୍କ ଚାନ୍ଦା ଦେବା ଲୋକର ନାମ ଅନ୍ୟମାନଙ୍କ ପାଖରୁ ଗୋପନୀୟ ରଖିବ, ଏହି ପରିବର୍ତ୍ତନ ଆଣିବା ଦ୍ୱାରା ବା ଇଲୋକ୍ଟରାଲ ବଣ୍ଡକୁ ଲାଗୁ କରିବା ଦ୍ୱାରା କମ୍ପାନୀ ଏକ୍ଟରେ ଯେଉଁ ନିୟମ ଥିଲା ତାହା ଆଉରହିଲା ନାହିଁ ତାର ଉଲଘଂନ ହେଲା। କମ୍ପାନୀ ମାନେ ରାଜନୈତିକ ଦଳ ମାନଙ୍କୁ ଯାହା ବି ଡ଼ୋନେସନ ଦେବେ ତାକୁ ସାର୍ବଜନୀନ କରିବେ, ତାହା ଆଉ ରହିଲା ନାହିଁ।ତା ସହିତ କମ୍ପାନୀ ମାନେ ନିଜର ତିନି ବର୍ଷର ଲାଭ ର ମାତ୍ର ୭ .୫ % ରାଜନୈତିକ ଦଳଙ୍କୁ ଚାନ୍ଦା ଆକାରରେ ଦେଇ ପାରିବାର ବ୍ୟବସ୍ଥା ଆଗରୁ ରହିଥିଲା ସେହି ବ୍ୟବସ୍ଥା ଆଉ ରହିଲା ନାହିଁ।

ଇଲୋକ୍ଟରାଲ ବଣ୍ଡ ଜରିଆରେ ବିଦେଶୀ କମ୍ପାନୀ ମାନେ ମଧ୍ୟ ଦେଶର ରାଜନୈତିକ ଦଳଙ୍କୁ ଚାନ୍ଦା ଦେଇପାରିଲେ । ଇଲୋକ୍ଟରାଲ ବଣ୍ଡ, ୧କୋଟି ଟଙ୍କାଯାଏଁ ଷ୍ଟେଟ ବ୍ୟାଙ୍କର ୨୯ ସହରରେ ଥିବା ବ୍ରାଞ୍ଚରେ ଦେବାର ପ୍ରୋଭିଜନ ମଧ୍ୟ ରହିଲା।ଆଶ୍ଚର୍ଯ୍ୟର କଥା ଏହା ଯେ କ୍ଷତିଗ୍ରସ୍ତ କମ୍ପାନୀ ମାନେ ମଧ୍ୟ ରାଜନୈତିକ ଦଳଙ୍କୁ ଡୋନେସନ ଦେଲେ ଏହା ପଛ ରେ କ୍ଷ୍ୟତିଗ୍ରସ୍ତ କମ୍ପାନୀଙ୍କର କେଉଁ ଉଦେଶ୍ୟ ରହିଥିଲା କେଜାଣି ।ଯେତେବେଳେ ଇଲୋକ୍ଟରାଲ ବଣ୍ଡ କଥା ତତ୍‌କାଳୀନ ବିତ୍ତମନ୍ତ୍ରୀ ଅରୁଣ ଜେଟିଲିଙ୍କ "ୟୁନିଅନ ବଜେଟ" ଭାଷଣ ରେ ରହିଲା ସେତେବେଳେ ଜଣେ ଅଫିସର ଏହି ବଣ୍ଡକୁ ଆରବିଆଇ ଏକ୍ଟର ଉଲଘଂନ କହିଥିଲେ। ଯେହେତୁ ଏହା ଆରବିଆଇ ଏକ୍ଟର ଉଲଘଂନ ହେଉଛି ତେଣୁ ଏଥିପାଇଁ ଆରବିଆଇ ଏକ୍ଟ କୁ ପରିବର୍ତ୍ତନର କଥା ଉଠିଲା ଏବଂ ଫାଇଲକୁ ବିତ୍ତମନ୍ତ୍ରୀଙ୍କ ଅଫିସକୁ ପଠାଗଲା।

ସୁପ୍ରିମ କୋର୍ଟର ରାୟ ଅନୁସାରେ ଇଲୋକ୍ଟରାଲ ବଣ୍ଡ ସାଧାରଣ ଭୋଟରଙ୍କ ସୂଚନା ଅଧିକାର ବା ରାଇଟ ଟୁ ଇନଫରମେସନ୧୯(୧)(ବ)କୁ ବ୍ୟାଘାତ କରୁଛି। ଭୋଟରଙ୍କ ଅଧିକାର ରହିଛି ଜାଣିବା ପାଇଁ ଯେ କେଉଁ ରାଜନୈତିକ ଦଳ କାହାଠାରୁ କେତେ ପଇସା ପାଇଛନ୍ତି।

୨୦୨୨-୨୦୨୩ ବର୍ଷ ରେ ସବୁଠାରୁ ବେଶି ଡ଼ୋନେସନ ବିଜେପି ପାର୍ଟି କୁ ମିଳିଛି।୩.୦୬୭ କର୍ପୋରେଟ ଡୋନେସନ ମୂଲ୍ୟ ଟ ୬୧୦.୪୯ କୋଟି ଟଙ୍କା ବିଜେପି ପାର୍ଟି କୁ ମିଳିଛି। ଶତକଡ ୯୨% ର କର୍ପୋରେଟ ଚାନ୍ଦା ବିଜେପି ଖାତା କୁ ଚାଲିଗଲା ମାତ୍ର ୮% କର୍ପୋରେଟ ଚାନ୍ଦା ଅନ୍ୟ ରାଜନୀତି ଦଳକୁ ମିଳିଛି ।

କ୍ଷମତା ରେ ଥିବା ରାଜନୈତିକ ଦଳକୁ ଏଧରଣ ଚାନ୍ଦା ଦେଇ ନିଶ୍ଚିତ ଭାବରେ ଦେଶର ପୁଞ୍ଜିପତି,ଶିଳ୍ପପତି ମାନେ କିପରି ସେମାନଙ୍କୁ ସୁହାଇବ ସେହିପରି ଅର୍ଥବ୍ୟବସ୍ଥା ବା କାନୁନ ତିଆରି କରିବେ।ବର୍ତ୍ତମାନ ଭାରତରେ କିଛି ମୁଷ୍ଟିମେୟ ଲୋକଙ୍କ ହାତରେ ଭାରତର ଅର୍ଥ ବ୍ୟବସ୍ଥା ରହିଛି।ସାଧାରଣ ଜନତା ଅନେକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ରାଜନୈତିକ ଦଳ ମାନେ ନିର୍ବାଚନ ପାଇଁ ଅଜସ୍ର ଟଙ୍କା ଖର୍ଚ୍ଚ କରୁଛନ୍ତି।ସାଧାରଣ ଭୋଟରଙ୍କୁ ଶାଢି ଟଙ୍କା ଦେଇ ଭୋଟ କିଣୁଛନ୍ତି।ଦେଶର ସାଧାରଣ ଜନତା ନିଜର ଅଧିକାର ବିଷୟରେ ଅବଗତ ନୁହନ୍ତି। ଇଲେକସନ କମିଶନ ରାଜନେତାଙ୍କୁ ଏହିପରି କୋଟି କୋଟି ଟଙ୍କା ଖର୍ଚ୍ଚ ଉପରେ ରୋକ ଲଗାଇବା କଥା କିନ୍ତୁ ତାହା ହେଉନାହିଁ।

ଲୋକଙ୍କୁ ବିଭିନ୍ନ ପ୍ରକାରର ସୁବିଧା ଦେବାର ପ୍ରତିଶୃତି ଦେଇ, ନିର୍ବାଚନ ଜିତାଯାଉଛି।ସାଧାରଣ ଲୋକଙ୍କ ଭୋଟରେ ରାଜନେତା ମାନେ କ୍ଷମତାକୁ ଆସୁଛନ୍ତି ଏବଂ ଅଜସ୍ର ସୁଖ ସୁବିଧା ଏବଂ ପ୍ରାଚୁର୍ଯ୍ୟ ଉପଭୋଗ କରୁଛନ୍ତି।ପୋଲିସ ଓ ପ୍ରଶାସନ ସବୁ ସେମାନଙ୍କ ହାତରେ । ଦେଶଭକ୍ତ ଓ ନୈତିକତାର ପୃଷ୍ଠପୋଷକ ମାନଙ୍କର ସ୍ୱରକୁ ଚପାଇ ଦିଆଯାଉଛି। ସୁପ୍ରିମ କୋର୍ଟର ରାୟ ଏକ ସ୍ୱାଗତ ଯୋଗ୍ୟ ଏବଂ ଐତିହାସିକ ରାୟ।ଏହିପରି ନିର୍ବାଚନ ରେ ହେଉଥିବା ଖର୍ଚ୍ଚ ଉପରେ ଯଦି କଟାକଣା ଲଗାଯାଏ ତାହେଲେ ସାଧାରଣ ଜନତା ନିଜର ବିବେକ ଲଗାଇ ଭୋଟ ଦେବେ ଏବଂ ଭଲ ଲୋକ ମଧ୍ୟ ନିର୍ବାଚିତ ହୋଇ ଆସିବେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଭାବନାର ସୁଅ

**ଶରତ ଦାଶ**



ଭାବନାର ସୁଅ ହୋଇ ଦିନେ ଲୁହ
ବହିଗଲା ନେତ୍ରକୋଣୁ
କଳ୍ପନାର ରଙ୍ଗ ପଡ଼ିଗଲା ଫିକା
ଶୁଖିଗଲା ସୌମ୍ୟ ତନୁ
ଆଶାର ଆକାଶୁ ଲିଭିଗଲା ଇନ୍ଦ୍ର-
ଧନୁର ସପତ ରଙ୍ଗ
ନ ବୁଡୁଣୁ ସୂର୍ଯ୍ୟ ବ୍ୟାପିଲା ଅନ୍ଧାର
କରି ସବୁ ସ୍ୱପ୍ନ ଭଙ୍ଗ
ବୟସ ଥାଇ ବି ଆୟୁଷ ସରିବା
ପରି ହୋଇଲା ପ୍ରତୀତ
ଦୂରେ କାହିଁ ଦୂରେ ଚକ୍ରବାଳଠାରେ
ଗାଇଲା ଦୁର୍ଭାଗ୍ୟ ଗୀତ
ଜୀବନ ବିଚିତ୍ର କେବେ କେଉଁ ଚିତ୍ର
ଧରି ଆଗେ ହେବ ଉଭା
ଜାଣେ ନାହିଁ କେହି ଆଗୋ ପ୍ରାଣସହୀ
ତାର ରୂପରେଖ ଶୋଭା
ଆଜିର ଅବସ୍ଥା କାଲିକୁ ବଦଳେ
ବଦଳିଲେ ପାଣିପାଗ
ଜୀବନରେ ତେଣୁ ନାହିଁ କିଛି ସ୍ଥିର
ନାହିଁ ବାଇଶ କି ବାଗ
ସବୁଠାରୁ ଶ୍ରେଷ୍ଠ ସମ୍ପତ୍ତି ଜୀବନେ
ପ୍ରେମ ଶାନ୍ତି ଅନୁଭବ
ଏ ଦୁଇ ନଥିଲେ ଧନ ଜନ ମାନ
ଥାଇ ବି ରହେ ଅଭାବ
ଅସ୍ଥିର ମାନସ ନ କରିଲେ ବଶ
ଘୋଟିଆସେ ଦୁଃଖ କଷ୍ଟ
ବଶ କରିବାକୁ ଅବାଧ ମନକୁ
ଭଜିବାକୁ ହୁଏ ଇଷ୍ଟ
ବିଭୁ କୃପାବଳେ ପଥର ତରଳେ
ଅସମ୍ଭବ ବି ସମ୍ଭବ
ମରଣଶୀଳ ଏ ଅସତ୍ୟ ସଂସାରେ
ସେ ଅମୃତ ଅନୁଭବ
ଦୁର୍ଭାଗ୍ୟ ଆସି ବି ଚାଲିଯାଏ ଆପେ
ଥିଲେ ମୋହନ କରୁଣା
ଜୀବନର ପଥ ଯେତେ କଣ୍ଟକିତ
ହେଲେ ବି ନାହିଁ ଶୋଚନା
ଅନ୍ଧାର କରି ପାରେନାହିଁ ଅନ୍ଧ
ଥିଲେ ବିଭୁ ଆଶୀର୍ବାଦ
ଯେତେ ଆସୁ ଝଡ଼ ବର୍ଷା ବତାସ
ଜୀବନ ଚାଲେ ସ୍ୱଚ୍ଛନ୍ଦ
ଭାବନା କଳ୍ପନା ସବୁ ହରି ବିନା
ପୂର୍ଣ୍ଣତା ନୁହଁଇ ପ୍ରାପ୍ତ
ନିରାକାର ବ୍ରହ୍ମ ନିଅନ୍ତି ସ୍ୱରୂପ
କରିବାକୁ ଭକ୍ତ ହିତ ।

*ଭୁବନେଶ୍ୱର*

## ତୁଠ ପଥର-୧୧

**ତପନ କୁମାର ସ୍ୱାଇଁ**

ତୁଠରେ ଥିଲି ଖରା ବରଷା
ଶୀତ କାକର ଖାଇ,
କେହିତ ଦିନେ ପଚାରେ ନାହିଁ
କେମିତି ଅଛୁ ଭାଇ

କିରୁପ ଦେଖି ଆଣିଲୁ ଟେକି
କହ ଶିଳିପି ମୋତେ,
ଏତେ ଯତନ କରି ଗଢ଼ୁଛୁ
କିଅବା ଦେବି ତୋତେ

ମୁଁ ଛାର ଗୋଟେ ତୁଠ ପଥର
କିଦେବି ତୋତେ ମୂଲ,
ହୀରା ମୋତି କି ମାଣିକ ନୁହେଁ
ହେବି ତା ସମତୁଲ

କେଉଁ କାଳରୁ ପଡ଼ିଥିଲି ମୁଁ
ଧରିମୋ ସାଙ୍ଗ ସାଥି,
ଆଜି ମୋ ଭାଗ୍ୟ ବଦଳି ଗଲା
ପାହି ଅନ୍ଧାର ରାତି

କାଲି ମୋ ପୂଜା କରିବେ ଜନେ
ଫୁଲ ଚନ୍ଦନ ଦେଇ,
ନାନା ପ୍ରକାର ବାଢ଼ିବେ ଭୋଗ
ସୁନା ଥାଳିରେ ଥୋଇ

ତୋ' ହାତେ ସିନା ବଦଳି ଗଲା
ମୋ' ଭାଗ୍ୟ ରେଖା ଛବି,
ତୋ' ଭାଗ୍ୟେ କଣ ସତେ ଉଇଁବ
ପୂରୁବ ଦିଗେ ରବି

ସବୁରି ଭାଗ୍ୟ ଡୋରି ରହିଛି
ସମୟ ହାତେ ଏକା,
ଆମେ ଚାହିଁଲେ କିହେବ କହ
କରମେ ଯାହା ଲେଖା ।

*ଅଇବିଲି, ତିର୍ତ୍ତୋଲ, ଜଗତସିଂହପୁର*
*ମୋ-୯୦୪୦୦୩୩୩୯୦*



## କ୍ଷମତା



**ପ୍ରଭୁକଲ୍ୟାଣ ମହାପାତ୍ର**

କ୍ଷମତା ତ ମାନେ ନାହିଁ
ନଦୀ ବାଡ଼ ବନ୍ଧ,
ସେ ନିଶାରେ ମତୁଆଲା
(ମଣିଷ) ହୋଇଯାଏ ଅନ୍ଧ । ୧

କ୍ଷମତା ଖାଲରେ ଯିଏ
ଥରେ ଯାଏ ପଡ଼ି,
କଷ୍ଟ ତହୁଁ ମୁକୁଳିବା
ହୋଇ ଝାଡ଼ିଝୁଡି । ୨

ମଦ ପାଣି ନିଶା ଠାରୁ
(ଏହା) ଅତି ଭୟଙ୍କର,
ଅଫିମ, ଗଞ୍ଜେଇ ଠୁଁ ପୁଣି
ଅଧିକ ପ୍ରଖର । ୩

ଅତୀତରେ ସେବା ଥିଲା
ତ୍ୟାଗର ନିର୍ଝର,
ଏବେକାର ରାଜନୀତି
ଭୋଗର ସାଗର । ୪

ଜନସେବା ପାଇଁ କ୍ଷମତା
(ଏବେ) ନିହାତି ଦର୍କାର,
ତାହା ନମିଳିଲେ ଜୀବନ
ହୁଅଇ ଅସାର । ୫

ଗାନ୍ଧୀ ମହାତ୍ମା, ବିନୋବା
(କେବେ) ପଦରେ ନଥିଲେ,
ତଥାପି ଜନସେବାରେ
(ନିଜ) ଛାପ ଛାଡ଼ିଗଲେ । ୬

କ୍ଷମତାରେ ମସଗୁଲ
ଏବର ରାଜନେତା,
ନିଜକୁ ସେମାନେ ବୋଲାନ୍ତି
ପରା ଜଗତ ଜିତା । ୭

ଆଜି ଜନସେବା ପାଇଁ
(ଜରୁରୀ) ପଦ ଓ କ୍ଷମତା,
ତାହା ବିନା ଲୋପ ପାଏ
ଆମର ଦକ୍ଷତା । ୮

କ୍ଷମତା ଟିକିଏ ଖସିଲେ
(ମଣିଷ) ହୁଏ ହରବର,
ଯେମିତିକା ଜଳ ବିନା
ମୀନ ଫରଫର । ୯

ଏ ନିଶାର ଟାଣପଣ
ଏତେଯେ ଅଧିକ,
ଶେଯେ ପଡ଼ିଥିବା ନେତା,
(ସାଜେ) ଅକ୍ଲାନ୍ତ ପଥିକ । ୧୦

*ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର*
*ମୋ- ୯୯୩୭୭୧୧୩୮୯*

## ଛୋଟ ଜୀବନ



**ସାଗରିକା ପଟ୍ଟନାୟକ ଦାସ**



ହଁ ଆମ ଜୀବନଟା ବହୁତ ଛୋଟ ଗୋ ଦିଦି, ବହୁତ ଛୋଟ । ତୁମେ ସେସବୁ ବୁଝିପାରିବନି । ଭଗବାନ ତୁମକୁ ସେସବୁ ଠୁ ବହୁତ ଦୂରରେ ରଖିଛନ୍ତି । ତେଣୁ ତୁମେ ମୋ କଥା ବୁଝିପାରିବନି । ହଉ ଯାଉଛି ଗୋ ଯାଉଛି । ମୋ ମନରେ ବିରାଟ ଏକ ପ୍ରଶ୍ନବାଚୀ ଟାଣି ଧୋବଣୀ ଝୁମୁରି ଚାଲିଯାଇଥିଲା ସେଦିନ । ଯେହେତୁ ମୁଁ ଚଉଦ ପନ୍ଦର ବର୍ଷର ପାଠପଢୁଆ ପିଲା, ମୋର ଅନେକ ସାଧାରଣ ଜ୍ଞାନ ନାହିଁ, ଏଇଟାହିଁ ଯା'ର ସରଳାର୍ଥ । ମନେ ମନେ ମୁଁ ଚିଡିଗଲି । ତୋତେ ତ ମୁଁ ଢଙ୍ଗରେ ଲୁଗାପଟା ପିନ୍ଧିବାକୁ କହିଲି । ଶାଢୀ ଖଣ୍ଡେ ଗୁଡେଇ ବୁଲୁଛୁ ବୋଲି ଏଇ ଆମ କଲୋନୀରେ ସବୁ ସ୍ତ୍ରୀଲୋକ ଚିଡୁଛନ୍ତି ତୋ ଉପରେ । ନା ସାୟା, ନା ବ୍ଲାଉଜ୍, କସ୍ତା ଶାଢୀ ଖଣ୍ଡକରେ ନା ଲୁଚୁଛି ତୋ ଶରୀର, ନା କମୁଛି ଖରା, ଶୀତର ପ୍ରକୋପ । କହିଲେ କ'ଣ ନା ଏଇ ଉତ୍ତର, ଛୋଟ ଜୀବନ ଆମର ଛୋଟ ଦିଦି, ତୁମେ ସେସବୁ ବୁଝିବ କୁଆଡୁ ?

ଏଇ ତିନି/ଚାରି ବର୍ଷ ହେବ କୁଆଡୁ ଏଇ ଧୋବା ଧୋବଣୀ ଆସି ଆମ କଲୋନୀର ଗୋଟିଏ ଖାଲି ଘରେ ମାନେ କବାଟ ଝର୍କା ଲାଗିନଥିବା ଘରେ ରହିବାକୁ ଲାଗିଲେ । ଦୁଇ ତିନିଟି ଖାଲିଜାଗା ଓ ଏମିତି ଅଧା ତିଆରି କିଛି ଘରକୁ ଛାଡିଦେଲେ ବାକି ସଂପୂର୍ଣ୍ଣ କଲୋନୀରେ ପାଖାପାଖି ଶହେ ଖଣ୍ଡେ ଘର । ସବୁ ଘରଗୁଡ଼ିକ ନିଜସ୍ୱ ଢଙ୍ଗରେ ପରିପୂର୍ଣ୍ଣ ଓ ସମୃଦ୍ଧ ଦୋକାନ, ବଜାର ବି ଗଢିଉଠିଥାଏ । ନିତିଦିନିଆ ଜୀବନକୁ ସରଳ କରିବାକୁ, କିନ୍ତୁ ଧୋବାଟିଏ ବିନା ସମସ୍ତେ ବ୍ୟତିବ୍ୟସ୍ତ ଥିଲେ ଯେମିତି । ଏଇ ଦମ୍ପତିଙ୍କ ଆଗମନରେ ଆନେକଙ୍କୁ ଜୀବନ ସୁଖମୟ ଲାଗିଲା । କିଛିଜଣଙ୍କ ଆଖିକୁବି ସୁନ୍ଦର ଲାଗିଥିବ ଏଇ କର୍ମବ୍ୟସ୍ତ, ଯୌବନସ୍ଫୁର୍ତ୍ତ ଯୋଡାଟି । ତେଣୁ ସଭିଏଁ ଲାଗିପଡି, ବିଦେଶରେ ଥିବା ସେଇ ଆଧାଗଢା ଘରର ମାଲିକଙ୍କୁ ଅନୁରୋଧ କରି ଝୁମୁରୀ ଓ ଜଟିଆଙ୍କ ରହିବା ବ୍ୟବସ୍ଥା କରିଦେଲେ । ମ୍ୟୁନିସିପାଲଟି ପାଣିରେ ସମସ୍ତଙ୍କ ଲୁଗାପଟା ଧୋଇ, ଘର ଛାତ ଅଗଣା ଓ ସାମ୍ନାରେ ଖାଲି ପଡିଥିବା ପ୍ଲଟର ସଦୁପୋଯୋଗ କରି ସେମାନେ ତାଙ୍କ ବ୍ୟବସାୟଟିକୁ ଭଲରେ ଚଲାଉଥାନ୍ତି । ଯେତେ ୱାସିଙ୍ଗ ମେସିନ୍ ଥିଲେବି, ଧୋବାଘର ଧୁଆ ଓ ଇସ୍ତ୍ରୀର ଚମକ ନିଆରା । ତାଛଡା ଛୁତିକା, ମୃତିକା, ବିଧିବିଧାନ ତ ଅଛି । ତେଣୁ ସେମାନଙ୍କର ସେବା ଆମ ପାଇଁ ଅନିବାର୍ଯ୍ୟ । କି ଖରା, କି ଶୀତ, ଦିନ ତମାମ ହାଡଭଙ୍ଗା ପରିଶ୍ରମ ଚାଲିଥାଏ ତାଙ୍କର । ଆମଘର ସାମ୍ନାରେ ଥାଏ ତାର ଇସ୍ତ୍ରୀ ଦୋକାନ । ପାଚେରୀକୁ ଲାଗି ତା ଘର ଓ ଅଗଣା ଉପର ଘରୁ ଦିଶେ ତା ରୋଷେଇ ଘର ଓ ଶୋଇବା ଘର ଗୁଡିକ । ଏଇ ମୋ ପରି କିଛି ପିଲା ଝୁମୁରି ସହିତ ଗପନ୍ତି, କାରଣ ସେ ଆମ ବୋଲହାକ କେବେ ତଳେ ପକାଏନି । ବଲ, ଲୁଗା ଠୁ ଆରମ୍ଭ କରି ବ୍ୟାଡମିଣ୍ଟନ କର୍କ ଓ ଗୁଡି ପର୍ଯ୍ୟନ୍ତ, ଯାହାକିଛି ତା ଘର ପରିସରରେ ପଡେ, ସେ ଗୋଟେଇ ଆଣିଦିଏ ଆମକୁ । କଲୋନୀରେ କାହାର ସୁବିଧା ଅସୁବିଧାରେ ସେ ସ୍ୱାମୀ ସ୍ତ୍ରୀ ରାତିଅଧରେ ବି ଠିଆ ହୁଅନ୍ତି । ଜଟିଆ ହିସାବରେ ପକ୍କା କିନ୍ତୁ ଏ ଝୁମୁରୀଟା ଟିକେ ଆଳେଇ । ଆମେସବୁ ଦରକାର ବେଳେ ତାକୁ ହିସାବକିତାବ ବୁଝେଇ ଦେଉଁ ।

ଅସଲ ଅସୁବିଧା ହେଲା ତାରି ସୌନ୍ଦର୍ଯ୍ୟ । ଶ୍ୟାମଳିମା ନେସା ଅପରୂପ ଶରୀରରେ ଶାଗୁଆ ଛନଛନ ଯୌବନ ତା'ର ଚିତ୍ତହରଣା ଚାହାଣୀ ଓ କଟିଭଙ୍ଗା ଚାଲି ଓ ତହିଁରେ ଖଣ୍ଡେ ଲୁଗା ପିନ୍ଧା । ଗାଁ ଗହଳିରେ ଚଳିଯାଏ ଏସବୁ, କିନ୍ତୁ ସହରରେ ଭାରି ଦୃଷ୍ଟିକଟୁ । ସେଥିନେଇ କିଛି ଲୋକଙ୍କ ଭିଡ ଜମୁଥାଏ ତା ଦୋକାନ ଆଗରେ । ହଁ, ମୁଁ ସେଇ ସମୟର କଥା କହୁଛି, ଯେବେ ଲୋକ ମୋବାଇଲରେ ଆଉ ରାସ୍ତାରେ ଚାଲୁନଥିଲେ । ମଣିଷ, ମଣିଷଙ୍କୁ ଅନାଇବା ସାଧାରଣ କଥା ଥିଲା । ମାନେ ସେବେ ଧୋବଣୀ ଝୁମୁରି ମାନଙ୍କର ବି ଚାହିଦା ଥିଲା । ଧିରେ ଧିରେ ବଡ ହେବା ସହିତ ଝୁମୁରି ଉପରେ ସ୍ତ୍ରୀଲୋକ କାହିଁକି ରାଗନ୍ତି ମୁଁ ଓ ମୋର ପଡୋଶୀ ସାଙ୍ଗସାଥୀ ମାନେ ବୁଝିପାରିଥାଉ । ତାକୁ ବୁଝେଇବାକୁଯାଇ ଏମିତି ଉତ୍ତର ମିଳେ । ମାନେ ଝୁମୁରୀ ପୁରା ବିନ୍ଦାସ । ତଥାକଥିତ ସଭ୍ୟ ସମାଜକୁ ସେ ଖାତିର କରେନା । ଲୁଗାର ମଇଳା ସଫା କରିବା ତା କାମ, ମନର ମଇଳା ବି ଯାଉ ସେଥିରେ । କଣ ହେଲା ସେଠୁ କିଏ ଅନେଇଲେ ତ ? ତା ଭାଷାରେ ଜୀବନଟା ବହୁତ ଛୋଟ । ସେଥିରେ ପୁଣି ଆହୁରି ଛୋଟିଆ ସ୍ତ୍ରୀଲୋକଟେ ସେ । ଧୋବାର ଧୋବଣୀ ମାତ୍ର । ଯେଉଁ ଲୋକ ଏମିତି ଅନେଇ ମରୁଛନ୍ତି, ମରନ୍ତୁ । ଗୋଟା ଝାଳନାଳ ହୋଇ, ଧଇଁସଇଁ ହୋଇ କାମରେ ନଲାଗିଲେ, ତା ଘର ଚଳେଇବ କିଏ ? ଜଟିଆର ମେସିନ୍ ପରି ଚାଲୁଥିବା ଶରୀର ସାଙ୍ଗରେ ତା'ପରି ଜଣେ ଗଜାଟୋକି ଜରୁରୀ ।

ତହିଁରେ ଫି ବର୍ଷ ଗୋଟିଏ ଛୁଆ । ପେଟ, ଅଣ୍ଟା ଫୁଲି ଗୋଲେଇ ଯାଏ, ପୁଣି କିଛି ମାସରେ ପୁଣି ପୂର୍ବ ଆକାରକୁ ଫେରିଯାଏ । ଝୁମୁରି ଅଦ୍ଭୁତ ସଂଗଠିତ ଶରୀର ତାର ପୁରୁଷଙ୍କ ପରି ବଳ ଓ ସ୍ଫୁର୍ତ୍ତି ପୁଣି ନାରୀସୁଲଭ ସୁଠାମ ଓ ଲାଳିତ୍ୟ ଭରା ଗତିବିଧି ।

ଏଇ ଆଠ ବର୍ଷ ଭିତରେ ଚାରି କି ପାଞ୍ଚଟା ଛୁଆର ମାଆ ହେଲାଣି ସେ । କଲୋନୀର ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତରାଣୀ ସୁତପା ଆଣ୍ଟି ତାକୁ ଜବରଦସ୍ତ ଡାକି କିଛି ଔଷଧ କରାଇଛନ୍ତି ତେଣୁ ଏବେ ଟିକେ ଶାନ୍ତିରେ ଅଛି ସେ । ଆମେ ସବୁ ବି ବଡ ହୋଇଗଲୁଣି ସ୍କୁଲ, କଲେଜ ଟପି ୟୁନିଭରସିଟିରେ ପାଦ ଦେଲୁଣି । କିନ୍ତୁ ମୋର ଝୁମୁରି ସହିତ ସମ୍ପର୍କ ବଢିଛି ସିନା କମିନି । ଏବେବି ପ୍ରଥମ ମହଲାର ଝରକା ଟପି ମୋ ଦୃଷ୍ଟି ଝୁମୁରିର ଗରମ ଲାଲ ଲାଲ ଆଳୁଝୋଳ ଓ ଯୁଖାଭାତ ଆଡକୁ ଟାଣି ହୋଇଯାଏ । ଆମ ଘରର ଛ'ତିଅଣ ନ'ଭଜା, ଖିରିପୁରୀ ଠାରୁ ସେ ଆଳୁ ଝୋଳ ମୋତେ ସୁସ୍ୱାଦୁ ଦେଖାଯାଏ । ଶୁଣାଯାଏ ସେଇ ଆଳୁ ଝୋଳରେ ଦେଶୀମଦ ମିଶାଇ ଖାଇ ଏଇ ପରିବାର ଦିନ ବେଳା ଏତେ କର୍ମଚଞ୍ଚଳ ରହନ୍ତି । ବେଳେ ବେଳେ ଆମ ମନରେ ପ୍ରଶ୍ନଉଠେ ଜଟିଆର ମେସିନ୍ ପରି ଚାଲିଥିବା ଶରୀରରେ ଖାଦ୍ୟସାର ଭାଗ ବେଶି ନା ଦେଶୀମଦ ପରାକ୍ରମ ବେଶୀ ?

ଆଜିକାଲି ସେମାନଙ୍କ ଝଗଡା ଓ ବାଡ଼ିଆପିଟା ବି ଚାରିପାଖରେ ଥିବା ଘରଗୁଡିକର ପରିବେଶକୁ ନଷ୍ଟ କରୁଛି । କେବେ କେମିତି ବାହାର ଲୋକଙ୍କ ଧମକରେ ହିଁ ତାଙ୍କ ଝଗଡା ଥମେ । ପଚାରିଲେ ଝୁମୁରି କହେ, ହେଇ ଛୋଟ ଦିଦି, ରାମାୟଣ ଯୁଗରୁ ପରା ଆମ ଝଗଡା ପ୍ରସିଦ୍ଧ, ତୁମେ ଏସବୁ ଧରନା ଗୋ । ମୋ ପାଠ୍ୟକ୍ରମ ପରିଧିରେ ଦରକାର ହେତୁ ତା ପିଲାଙ୍କୁ ମୁଁ ପଢାଇବା ଆରମ୍ଭ କରିଥିଲି । ମୋ ସହିତ କଲୋନୀର ଅନ୍ୟ ପିଲାମାନେ ବି ସେମାନଙ୍କୁ ପଢାଇବା ଓ ଅନ୍ୟାନ୍ୟ ସାହାଯ୍ୟ କରିବାରେ ଲାଗିପଡିଲେ । ଝୁମୁରି ଡିରିକି କୁହେ, ମୋ ପିଲାଙ୍କୁ ଏତେ ପାଠଶାଠ ପଢାଅନି, ମୋ କାମ ଆଗକୁ କେହି କରିବେନି ବିଗିଡି ଯିବେ ଗୋ ଦିଦି । ସବୁଠିକ ଚାଲିଥିଲା, ଯେପର୍ଯ୍ୟନ୍ତ ତା' ବର ଜଟିଆ କଲିକତା ଯିବା ଆରମ୍ଭ କରିନଥିଲା । ଧିରେ ଧିରେ ଜଟିଆ ବେଶି ବାହାରେ ରହିଲା ଓ ଫଳରେ ଝୁମୁରି ଅନ୍ୟମାନଙ୍କ ସାହାରା ଖୋଜିଲା ତା ବ୍ୟବସାୟ ଚଳାଇବା ପାଇଁ ।

କେବେ ଦିଅର ନଟିଆ, ତ କେବେ ତା ନିଜ ସାନଭାଇ ମଣି, ପୁଣି କେବେ ଦୂର ସଂପର୍କ ଭାଇ ଭାଇୟା ମାନେ କେବେ କେମିତି ତା କବାଟ ଝରକା ନଥିବା କମରାରୁ ଅସଂଲଗ୍ନ ଓ ଅସଂଜତ ଶବ୍ଦମାନ ଭାସିଆସେ । ମୁଁ ଆଜିକାଲି ତାକୁ କିଛି ପଚାରେନି । ବୟସ ବଢିବା ସହିତ ଅନେକ କିଛି ମଣିଷ ବୁଝିଯାଏ ତେବେ ସେ ଅନ୍ୟ ପିଲାମାନଙ୍କୁ କହୁଥିଲା, କାହାରି ଧାରୁଆ ମୁଁ ରୁହେନି, ସବୁ ସୁଝିଦିଏ । ପିଲାଏ ଟାହିଟାପରା କରି କୁହନ୍ତି ଓ ବହୁତ ହସନ୍ତି । ପଇସା ହିସାବ ତ ଅଜିଯାଏଁ ଶିଖିପାରିଲାନି, କ'ଣ ହିସାବ ସୁଝେ ସେ ? ତାଙ୍କ ବିରାଦରିରେ କୁଆଡେ ସବୁକଛି ଚଳେ । ଝୁମୁରିର କି ରଙ୍ଗୀନ ଜୀବନ !

ଫିଙ୍ଗାଯାଇଥିବା ଟିଣପଟା, ଖଟ, କାଠପଟା, ଟେବୁଲ ଚେୟାର ଇତ୍ୟାଦି ତଥା ପୁରୁଣା ବେଡସିଟ୍ ବା ପର୍ଦ୍ଦା ଦ୍ୱାରା ରୁଦ୍ଧ ଝରକା ଓ ଦୁଆରବନ୍ଧର କଠୋରୀରେ ଅନେକ ରହସ୍ୟ ଲୁଚିଥାଏ ବୋଲି ଶୁଣାଯାଏ । ଧିରେ ଧିରେ କଲୋନୀର ସ୍ତ୍ରୀ ଓ ପୁରୁଷ ଉଭୟ ଝୁମୁରିକୁ ଘୃଣା କରିବାକୁ ଲାଗିଲେ । ସବୁରି ମୁହଁକୁ ଚାହିଁ ହସିଦେଉଥିବା ଝୁମୁରି ଏବେ ଚୁପଚାପ୍ ରୁହେ ବିଭିନ୍ନ କାହାଣୀ ଓ ଗୁଜବର ଘେରରେ । ଝୁମୁରି ସେମିତି ମୁଣ୍ଡ ନୁଆଁଇ ତା କାମ କରିଚାଲିଥାଏ । ତା'ର ସେଇ କଥା, ଛୋଟିଆ ମଣିଷଟିଏ ମୁଁ ଏଇ ବାବୁ, ସାହେବ, ମାଆ ମାନଙ୍କ ସେବାରେ ସମୟ କଟିଗଲେ ସରିଲା । ମୋ ପିଲା ଏଇଠି କାମକରି ପେଟ ପୋଷି ପାରିବେ । ଜଟିଆ କେତେଦିନ ବାହାରେ ବୁଲିବ ଆଉ ? ତା'ରି ପାଖକୁ ପୁଣି ଦିନେ ଫେରିବ ନିଶ୍ଚିତ ।

ହଠାତ୍ ଦିନେ ପ୍ରବଳ ତୋଫାନ ଜନିତ ବର୍ଷା କଟିଗଲା ପରେ, ଶାରଦୀୟ ସକାଳର ଆନନ୍ଦ ନେଇ ଆମେ ଚାରି ପାଞ୍ଚ କଲୋନୀ ପିଲା, ପ୍ରାତଃଭ୍ରମଣ ସାରି ଫେରିବା ବେଳକୁ ସେଇ ପ୍ଲଟ୍‌ରେ ଚାଲିଥାଏ ପ୍ରବଳ ପାଟିତୁଣ୍ଡ । ଆମ କଲୋନୀରେ ରହୁଥିବା ମୋ ସ୍କୁଲ ଶିକ୍ଷୟତ୍ରୀ ମମତା ଦିଦି, ଗାଇନୋଲୋଜିଷ୍ଟ ସୁତପା ଆଣ୍ଟି ଓ କିଛି କଲୋନୀର ପୁରୁଷ ଓ ସ୍ତ୍ରୀଲୋକ ଭୀଷଣ ଗାଳିଗୁଲଜ କରୁଥାନ୍ତି ଝୁମୁରି ଓ ତା ଆଶିକମାନଙ୍କୁ । ଅନୁପସ୍ଥିତ ଜଟିଆ ଓ ତାର ଛୋଟମୋଟ ଭୁଲ୍ କରୁଥିବା ପିଲାଙ୍କ ଉପରେ ବି ଆକ୍ରମଣ ଚାଲିଥାଏ । ଏମିତିରେ କଜିଆଖୋର ଝୁମୁରି କିନ୍ତୁ ସେଦିନ ମୁହଁ ତଳକୁ ପୋତି ଲଥିକରି ବସିପଡିଥାଏ ମାଙ୍କଡା ପଥରର ଚଟାଣ ଉପରେ । ଯାହା ଉପରେ ଦଉଡି ଦଉଡି ଦୁଇଚାରି ଟଙ୍କା ବଦଳରେ କେତେ କାମ ନ କରିଛି ଏଇ ମାଆ ମାନଙ୍କର ସେ ? ଆଜି ସେ ଦୋଷୀ । କାରଣ ବର୍ଷାଝଡ ମୁଖର ଗତ ରାତିରେ ଅନେକ ଖୋଜା ଖୋଜି ପରେ ମିଳିନଥିବା ମମତା ଦିଦିଙ୍କ ବର ଓ ସୁତପା ଆଣ୍ଟିଙ୍କ ପୁଅ, ଝୁମୁରି ଘରୁ ମିଳିଛନ୍ତି । ଏ ଅପମାନ/ ଧୋକା ଅସହ୍ୟ । ଏଡ଼େ ସାହସ ତାର ?

ଆମେ ଆଜିବି ଦିଦିଙ୍କୁ ଭକ୍ତି କରୁ । ଆଉ ସୁତପା ଆଣ୍ଟି ଆମ ସଭିଙ୍କ ପ୍ରିୟ । ତେଣୁ ତା' ଝୁମ୍ପୁରା ସଦ୍ୟ ନିଦରୁ ଉଠିଥିବା ଅଧାଲଙ୍ଗଳା ପିଲାଙ୍କୁ ଆଡେଇ ଆମେ ଘର ଭିତରେ ପଶିଲୁ । ଝୁମୁରି ବଡପୁଅ ଓ ଝିଅ ଟାଣିନେଲେ ଆମକୁ ଶେଷମୁଣ୍ଡ ଘରକୁ । ଭିତରୁ ବାହାରି ଆସୁଥିଲେ ଆଧାନିଦରୁ ନଟିଆ ଓ ମଣି । ଗୋଟିଏ କଣରେ ଗତ ରାତିରେ ଫୁଡପୟଜନିଂ ଯୋଗୁଁ ସାରା ରାତି ବାନ୍ତିକରି ବେହାଲ ସୁତପା ଆଣ୍ଟି ପୁଅ ଖଟିଆଟିରେ ଅଧାନିଦ୍ରାରେ ଓ ପାଖ କମରାରେ ମଦ୍ୟପାନ ପରେ ବେହୋସ ମମତା ଦିଦିଙ୍କ ସ୍ୱାମୀ । ରାତିସାରା ତାଙ୍କ ସେବା କରିଥିବା ଲୋକମାନେ ସକାଳୁ ଶୋଧା ଶୁଣୁଛନ୍ତି । ସୁତପା ଆଣ୍ଟି ତୁରନ୍ତ ପଲ୍ସ ପରୀକ୍ଷା କରି ପରିସ୍ଥିତି ବୁଝିଗଲେ । ଗତ ରାତିରେ ଝଡବର୍ଷା ଯୋଗୁଁ ପାର୍ଟିକୁ ଯାଇଥିବା ପୁଅକୁ ଅପେକ୍ଷା କରି କରି ଶୋଇଯାଇଥିଲେ ତାଙ୍କ ଘରେ ସମସ୍ତେ । କାରଣ ଘରକୁ ରାତିରେ ପାର୍ଟିରୁ ନଫେରିବା ତାର ପୁରୁଣା ଅଭ୍ୟାସ । କିନ୍ତୁ କାଲି ସେ ଏଇ ଝଡବର୍ଷାରେ ଫେରି ଘର ପର୍ଯ୍ୟନ୍ତ ବି ଯାଇପାରିନାହିଁ ପଡିଯାଇଛି ରାସ୍ତାରେ । ଏମାନେ ତାକୁ ରାସ୍ତାରୁ ଉଠେଇ ଆଣି ଏଇଠି ରଖିଛନ୍ତି ଓ ସାରାରାତି ତା'ର ସେବା ବି କରିଛନ୍ତି । ମମତା ଦିଦି ବାପଘରେ ରହୁଥିବାରୁ, ସେଇ ଗର୍ବରେ ମଦ୍ୟପ ସ୍ୱାମୀଙ୍କୁ ବେଶି ପିଇଥିବା ଦେଖିଲେ ଘର ଭିତରକୁ ପଶିବାକୁ ଦିଅନ୍ତିନାହିଁ । ତେଣୁ ଦୟା ପରବଶ ହୋଇ ଝୁମୁରି ତା ଘରେ ସବୁବେଳ ତାଙ୍କୁ ଆଶ୍ରୟଦିଏ । ବାସ୍ ଏଇ କଥା ବୁଝିପାରିବା ପରି ମନୋଅବସ୍ଥା ନଥିଲା କାହାର । ଆମ ମାନଙ୍କ ସାହାଯ୍ୟରେ ନିଜ ଲୋକଙ୍କୁ ଘରକୁ ଆଣିଲେ ସେମାନେ । ପଛରୁ ଝୁମୁରି ସ୍ୱର ଶୁଭୁଥିଲା, ଆମେ ଆମ ବିରାଦରି ଚିହ୍ନୁ ମାଆ । ବାବୁସାହେବ ମାନଙ୍କ ଦେହରେ ହାତ ଲଗାଇବାକୁ ଆମେ ଯାଉନା । ମୋର ଏମିତି କି ଅଭାବ ହୋଇଛି କି ? ଉଧାରି ରଖେନା କାହାରି । ଦିନେ ଆପଣମାନେ କରିଥିଲେ, ଏଥର ଝୁମୁରି ସବୁ ଲେଉଟାଣି ଶୁଝିଦେଲା । ଛୋଟ ଜୀବନ ହିସାବ ନିକାସ ପୁରା ହେବା ଜରୁରୀ ।

*ନୂଆଦିଲ୍ଲୀ*

> ଏଇ ତିନି/ଚାରି ବର୍ଷ ହେବ କୁଆଡୁ ଏଇ ଧୋବା ଧୋବଣୀ ଆସି ଆମ କଲୋନୀର ଗୋଟିଏ ଖାଲି ଘରେ ମାନେ କବାଟ ଝର୍କା ଲାଗିନଥିବା ଘରେ ରହିବାକୁ ଲାଗିଲେ । ଦୁଇ ତିନିଟି ଖାଲିଜାଗା ଓ ଏମିତି ଅଧା ତିଆରି କିଛି ଘରକୁ ଛାଡିଦେଲେ ବାକି ସଂପୂର୍ଣ୍ଣ କଲୋନୀରେ ପାଖାପାଖି ଶହେ ଖଣ୍ଡେ ଘର । ସବୁ ଘରଗୁଡ଼ିକ ନିଜସ୍ୱ ଢଙ୍ଗରେ ପରିପୂର୍ଣ୍ଣ ଓ ସମୃଦ୍ଧ ଦୋକାନ, ବଜାର ବି ଗଢିଉଠିଥାଏ । ନିତିଦିନିଆ ଜୀବନକୁ ସରଳ କରିବାକୁ, କିନ୍ତୁ ଧୋବାଟିଏ ବିନା ସମସ୍ତେ ବ୍ୟତିବ୍ୟସ୍ତ ଥିଲେ ଯେମିତି । ଏଇ ଦମ୍ପତିଙ୍କ ଆଗମନରେ ଆନେକଙ୍କୁ ଜୀବନ ସୁଖମୟ ଲାଗିଲା । କିଛିଜଣଙ୍କ ଆଖିକୁବି ସୁନ୍ଦର ଲାଗିଥିବ ଏଇ କର୍ମବ୍ୟସ୍ତ, ଯୌବନସ୍ଫୁର୍ତ୍ତ ଯୋଡାଟି । ତେଣୁ ସଭିଏଁ ଲାଗିପଡି, ବିଦେଶରେ ଥିବା ସେଇ ଆଧାଗଢା ଘରର ମାଲିକଙ୍କୁ ଅନୁରୋଧ କରି ଝୁମୁରୀ ଓ ଜଟିଆଙ୍କ ରହିବା ବ୍ୟବସ୍ଥା କରିଦେଲେ । ମ୍ୟୁନିସିପାଲଟି ପାଣିରେ ସମସ୍ତଙ୍କ ଲୁଗାପଟା ଧୋଇ, ଘର ଛାତ ଅଗଣା ଓ ସାମ୍ନାରେ ଖାଲି ପଡିଥିବା ପ୍ଲଟର ସଦୁପୋଯୋଗ କରି ସେମାନେ ତାଙ୍କ ବ୍ୟବସାୟଟିକୁ ଭଲରେ ଚଲାଉଥାନ୍ତି । ଯେତେ ୱାସିଙ୍ଗ ମେସିନ୍ ଥିଲେବି, ଧୋବାଘର ଧୁଆ ଓ ଇସ୍ତ୍ରୀର ଚମକ ନିଆରା । ତାଛଡା ଛୁତିକା, ମୃତିକା, ବିଧିବିଧାନ ତ ଅଛି । ତେଣୁ ସେମାନଙ୍କର ସେବା ଆମ ପାଇଁ ଅନିବାର୍ଯ୍ୟ । କି ଖରା, କି ଶୀତ, ଦିନ ତମାମ ହାଡଭଙ୍ଗା ପରିଶ୍ରମ ଚାଲିଥାଏ ତାଙ୍କର ।

## ବସନ୍ତ

**ବିଜୟଲକ୍ଷ୍ମୀ ପାଣିଗ୍ରାହି**

ତୁମେ ଏକ ଆଶ୍ୱାସନାର ବାଣୀ
ବିଶ୍ୱାସର ନେତ ତୁମେ
ଭରସାର ପୋତ
ଅସହ୍ୟ ଜାତନା ପରେ
ମୂର୍ଚ୍ଛା ଜୀବନରେ ପାଣି
ଶୁଷ୍କତା ପିଠିରେ ପାଦଥାପି
ନିଃଶ୍ୱାସକୁ କାନ୍ଧରେ ବୋହି
ତୁମେ ଓହ୍ଲାଅ
ସମ୍ଭାବନାର ଶିହରଣରେ
ଲାଜ ଲାଜ ହୁଏ ମାଟି ମନ
ଅନ୍ତରରେ ମହକ ସାଉଁଟି
ବଉଳି ଉଠେ ବଉଳ
କୋଇଲିର କୃଷ୍ଣ କଣ୍ଠରେ
ସଂଯୋଜିତ ପ୍ରେମର ସଂଗୀତ
ମୃଦୁ ମଳୟର ମହୁଲି ଛୁଆଁରେ
ରଙ୍ଗ ମାଖେ ମହୁଲଫୁଲ
ସ୍ୱପ୍ନ ଛେଉଣ୍ଡ ଆଖି କଡ଼େ
ଜକେଇ ଉଠେ ନରମ ଆଦ୍ରତା
ପରେ ପରେ ପ୍ରଜାପତିର ଡେଣାରେ
ଖଞ୍ଜିହୁଏ ଯାଯାବର ଉଡାଣ
କମକୁଟାଏ ରଙ୍ଗୀନ ଆସ୍ତରଣଟିଏ
ଜୀବନ ସଂଜ୍ଞାରେ...



*ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*
*ମୋ- ୮୨୪୯୪୫୦୦୫୦*

## ଶଶି ଦିଦି

**ଅକ୍ଷୟ ମହାନ୍ତି**

ଭୁବନେଶ୍ୱରର
ଛଅ ନମ୍ବରରେ
ନର୍ସ ଥିଲେ ଶଶି ଦେବୀ
ଶ୍ରଦ୍ଧାରେ ତାହାଙ୍କୁ
ସଭିଏଁ ଡାକନ୍ତି
ଶଶି ଦିଦି ଶଶି ଦିଦି

ଓଡ଼ିଶାର ପୂର୍ବ
ମୁଖ୍ୟମନ୍ତ୍ରୀ ମଧ
ଶ୍ରଦ୍ଧା ତାଙ୍କୁ କରୁଥିଲେ
ଛଅ ନମ୍ବରରେ
ହସ୍ପିଟାଲ ପାଖରେ
ଘରଟିଏ ଦେଇଥିଲେ

ଅବେଳରେ ଆଉ
ଅଦିନରେ ସିଏ
ହସ୍ପିଟାଲକୁ ଆସିଥାନ୍ତି
ଦିନେ ଦିନେ ସିଏ
ଚବିଶ ଘଣ୍ଟାବି
ସେହିଠାରେ ରହି ଯାନ୍ତି

ଅବସର ପରେ
ସେହି ଘରେ ସିଏ
ଜୀବ ଥିବା ଯାଏ ଥିଲେ
ବିନା ପଇସାରେ
ହସ୍ପିଟାଲରେ ଯାଇ
ରୋଗୀ ସେବା କରୁଥିଲେ

ରୋଗୀ ସେବା ଥିଲା
ଜୀବନର ବ୍ରତ
ସେବା ସିଏ କରୁଥିଲେ
ଚିକିତ୍ସକ ଠାରୁ
ରୋଗୀ ଯାଏ ଲୋକ
ଶ୍ରଦ୍ଧା ତାଙ୍କୁ କରୁଥିଲେ

ଦେଖା ଶୁଣା ପାଇଁ
ପାଖରେ ତାଙ୍କର
ଝିଅଟିଏ ରଖିଥିଲେ
ଯେତେ ଯାହାଥିଲା
ସଂପତ୍ତି ତାଙ୍କର
ତା'ନାଆଁରେ କରି ଦେଲେ

କାର୍ଡିଓଲୋଜିରେ
ଇସିଜି କରି ସେ
ହୃଦୟକୁ ମାପୁ ଥିଲେ
ଡାକ୍ତରମାନେବି
ଯାହା କହୁଥିଲେ
ସଙ୍ଗେ ସଙ୍ଗେ କରୁଥିଲେ

ଚାରି ଦିନ ଧରି
କେହି ଆସିଲେନି
ମଡ଼ା ତାଙ୍କ ପଡି ଥିଲା
ଝିଅଟି ଶେଷରେ
ଶବ ସଂସ୍କାର ହିଁ କଲା

ଅବିବାହିତା ସେ
ହୋଇ ରହିଗଲେ
ପରକୁ ଆପଣା କଲେ
ରୋଗୀ ସେବା କରି
ମଦର ଟେରେସା
ସମ୍ମାନବି ପାଇଥିଲେ

କେଡେ ବେଇମାନ
ସମାଜଟା ସତେ
ଶବାଧାରେ ଆସିଲେନି
ବିଦାୟ ବେଳାରେ
ଶଶି ଦିଦିଟାକୁ
ଆହା କେହି କହିଲେନି ।

*ମୋ- ୯୯୩୭୪୬୨୫୦୭*
*(ସମ୍ପୂର୍ଣ୍ଣ ସତ୍ୟ ଘଟଣା ଉପରେ ଆଧାରିତ)*




# ମ୍ୟାଚ୍ ସମୟରେ ଅଘଟଣ, ହାର୍ଟ ଆଟାକ୍‌ରେ ଚାଲିଗଲା ଯୁବ କ୍ରିକେଟରଙ୍କ ଜୀବନ



**ନୂଆଦିଲ୍ଲୀ**

ମ୍ୟାଚ୍ ସମୟରେ ଅଘଟଣ, ହାର୍ଟ ଆଟାକ୍‌ରେ ଚାଲିଗଲା ଯୁବ କ୍ରିକେଟରଙ୍କ ଜୀବନ। କର୍ଣ୍ଣାଟକ କ୍ରିକେଟର ହୋୟଶାଳା ୱାଇସିଙ୍କ ହାର୍ଟ ଆଟାକ୍‌ରେ ମୃତ୍ୟୁ ଘଟିଛି। ଏହି ୩୫ ବର୍ଷୀୟ ଯୁବ କ୍ରିକେଟରଙ୍କୁ ଗୁରୁବାର ଖେଳ ପଡ଼ିଆରେ ହିଁ ହାର୍ଟ ଆଟାକ୍ ଆସିଥିଲା। ସଙ୍ଗେ ସଙ୍ଗେ ତାଙ୍କ ହସ୍ପିଟାଲ ନିଆଯାଇଥିଲା। ମାତ୍ର, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସୂଚନା ଅନୁଯାୟୀ, ଗୁରୁବାର କର୍ଣ୍ଣାଟକ ଏବଂ ତାମିଲନାଡୁ ଏଜିସ ସାଉଥ ଜୋନ୍ ଟୁର୍ଣ୍ଣାମେଣ୍ଟ ସମୟରେ ଏହି ଘଟଣା ଘଟିଥିଲା। କୁହାଯାଇଛି ଯେ, ମ୍ୟାଚ୍ ପରେ ସେ ଟିମ୍ ସଦସ୍ୟଙ୍କ ସହ ଲଞ୍ଚ କରିବାକୁ ଯାଉଥିଲେ କିନ୍ତୁ ହଠାତ୍ ପଡ଼ିଆରେ ଟଳି ପଡ଼ିଥିଲେ। ସଙ୍ଗେ ସଙ୍ଗେ ସେଠାରେ ଥିବା ମେଡିକାଲ ଟିମ୍ ତାଙ୍କୁ ସିପିଆର ମାଧ୍ୟମରେ ଚିକିତ୍ସା କରି ହୋସ୍‌କୁ ଆଣିଥିଲେ। କିନ୍ତୁ ହସ୍ପିଟାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

ଉଲ୍ଲେଖଯୋଗ୍ୟ, ହୋୟଶାଳା ଅଣ୍ଡର-୨୫ ବର୍ଗରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। କ୍ରିକେଟରେ ଡେବ୍ୟୁ କରିଥିଲେ। ସେ କର୍ଣ୍ଣାଟକ ପ୍ରିମିୟର ଲିଗ୍ ଲାୟନ୍ସରେ ବେଲ୍ଲାରୀ ଟସ୍କର୍ସ ଏବଂ ଶିବମୋଗ୍ଗା ଲାୟନ୍ସର ପ୍ରତିନିଧିତ୍ୱ କରିଥିଲେ। ସୂଚନାଥାଉକି, ଚଳିତ ବର୍ଷ ସମାନ ଢଙ୍ଗରେ ଜାନୁଆରୀ ୨୬ରେ ସୁହେବ ୟାଶୀନ ନାମକ ଜଣେ ୨୦ ବର୍ଷୀୟ କ୍ରିକେଟରଙ୍କ ମୃତ୍ୟୁ ହୋଇଥିଲା। ସହେବ ବୋଲିଂ କରୁଥିବାବେଳେ ପଡ଼ିଆରେ ଟଳି ପଡ଼ିଥିଲେ। ଏହା ପୂର୍ବରୁ ୩୪ ବର୍ଷୀୟ ଖେଳାଳି ବିକାଶ ନେଗୀଙ୍କ ମଧ୍ୟ ପଡ଼ିଆରେ ମୃତ୍ୟୁ ହାର୍ଟ ଆଟାକ୍‌ରେ ମୃତ୍ୟୁ ଘଟିଥିଲା।

## ଡବ୍ଲୁପିଏଲ୍-୨୦୨୪ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଆରମ୍ଭ ହେଲା ମହିଳା ପ୍ରିମିୟର ଲିଗ୍

# ଶାହରୁଖ-କାର୍ତ୍ତିକ-ସିଦ୍ଧାର୍ଥଙ୍କ ଡ୍ୟାନ୍ସରେ ଦର୍ଶକ ହେଲେ ମତୁଆଲା

**ନୂଆଦିଲ୍ଲୀ**

ମହିଳା ପ୍ରିମିୟର ଲିଗ୍ ଶୁକ୍ରବାରଠାରୁ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ମୁକାବିଲା ଗତ ଥରର ଚମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯିବ। ଏହା ପୂର୍ବରୁ ଉଦ୍‌ଘାଟନୀ ସମାରୋହ ଆୟୋଜନ କରାଯାଇଛି। ଏଥିରେ ବଲିଉଡ୍ ଅଭିନେତା ଶାହରୁଖ ଖାନ ପରଫର୍ମ କରିଛନ୍ତି। ତାଙ୍କ ବ୍ୟତୀତ ଶାହିଦ କପୁର, ସିଦ୍ଧାର୍ଥ ମଲହୋତ୍ରା, କାର୍ତ୍ତିକ ଆର୍ୟନ ଏବଂ ବରୁଣ ଧାନ ମଧ୍ୟ ନିଜ ଡ୍ୟାନ୍ସରେ ଦର୍ଶକଙ୍କୁ ମତୁଆଲା କରିଥିଲେ।



କାର୍ତ୍ତିକ ଆର୍ୟନ ଓପନିଂ ସେରିମନିରେ ପ୍ରଥମେ ନିଜ ଜଲା ଦେଖାଇଥିଲେ। ସେ ଗୁଜରାଟ ଜାଏଣ୍ଟ୍ସ ଟିମକୁ ସପୋର୍ଟ କରିଥିଲେ। କାର୍ତ୍ତିକଙ୍କ ପରେ ସିଦ୍ଧାର୍ଥ ମଲହୋତ୍ରା ପରଫର୍ମ କରିଥିଲେ। ସେ ଦିଲ୍ଲୀ କ୍ୟାପିଟାଲ୍ସକୁ ସମର୍ଥନ କରିଥିଲେ। ସିଦ୍ଧାର୍ଥ ନିଜର ପ୍ରଥମ ଫିଲ୍ମ ଷ୍ଟୁଡେଣ୍ଟ ଅଫ ଦ ଇୟର ଗୀତରେ ନାଚିଥିଲେ। ଏହାପରେ ସେ ନିଜର ସବୁଠୁ ପପୁଲାର ଫିଲ୍ମ ସେରଶାହର ଗୀତ ରାତାଁ ଲମ୍ବିଆଁ ଉପରେ ଡ୍ୟାନ୍ସ କରିଥିଲେ। ଏହାସହ କାଲା ଚଷମା ଉପରେ ମଧ୍ୟ ପରଫର୍ମ କରିଥିଲେ।

ଏହାପରେ ଟାଇଗର ଶ୍ରଫ ଦର୍ଶକଙ୍କ ହୃଦୟ ଜିତିଥିଲେ। ସେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗଲୋରର ସମର୍ଥନ କରିଥିଲେ। ଟାଇଗର ପ୍ରଥମେ ହିରୋପନ୍ତୀ ଫିଲ୍ମର ଗୀତ ମେରେ ନାଲ ତୁ ହ୍ୱିସିଲ ବଜା ଗୀତରେ ପରଫର୍ମ କରିଥିଲେ। ଏହାପରେ ୱାର ଫିଲ୍ମର ଗୀତ ଘୁଙ୍ଗୁରୁ ଟୁଟ ଗଏ ଏବଂ ଜୟ-ଜୟ ଶିବଶଙ୍କରରେ ଡ୍ୟାନ୍ସ କରିଥିଲେ।

ବରୁଣ ଧାନ ୟୁପି ରିୟର୍ସର ସମର୍ଥନ କରିଥିଲେ। ସେ ଭେଡିୟା ଫିଲ୍ମର ଗୀତ ତୁ ମେରା କୋଇ ନା ହୋକେରେ ପ୍ରଥମ ଡ୍ୟାନ୍ସ କରିଥିଲେ। ଏହାପରେ ସେ ତେରା ହିରୋ ଫିଲ୍ମର ଗୀତ ତେରା ଧ୍ୟାନ କିଧର ହେ ଉପରେ ଡ୍ୟାନ୍ସ କରିଥିଲେ। ଏହାପରେ ଷ୍ଟ୍ରିଟ ଡ୍ୟାନ୍ସର ୩ ଗୀତ ମୁକାବିଲା ଉପରେ ପରଫର୍ମ କରି ସଭିଙ୍କ ହୃଦୟ ଜିତିଥିଲେ। ଶାହିଦ କପୁର ନିଜ ଫିଲ୍ମର ଗୀତ ଶାମ ଶାନଦାର ଉପରେ ଡ୍ୟାନ୍ସ କରିଥିଲେ। ପରେ ସେ ଜବଓ୍ୱି ମେଟ ଫିଲ୍ମର ନଗାଡା ଗୀତରେ ଡ୍ୟାନ୍ସ କରିଥିଲେ।

ଶେଷରେ ଆସିଥିଲେ ଶାହରୁଖ ଖାନ। ଶାହରୁଖ ନିଜ ପଠାନ ଫିଲ୍ମର ଝୁମେ ଯୋ ପଠାନ ଗୀତରେ ପ୍ରଥମ ଡ୍ୟାନ୍ସ କରିଥିଲେ। ଏହାପରେ ସେ ଯବାନ ଫିଲ୍ମର ଗୀତ ରମୈୟା ବସ୍ତାବୈୟା ଉପରେ ପରଫର୍ମ କରିଥିଲେ। ଏହାପରେ ଶାହରୁଖ ସବୁ ଟିମ୍‌ର ଅଧିନାୟକଙ୍କୁ ମଞ୍ଚକୁ ଡାକିଥିଲେ ଏବଂ ପରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

# ଜାତୀୟ ମାଷ୍ଟର ଆଥ୍‌ଲେଟିକ୍ ପ୍ରତିଯୋଗିତା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ମାଷ୍ଟର ଆଥ୍‌ଲେଟିକ୍ ଆସୋସିଏସନର ୩୧ତମ କ୍ରୀଡ଼ା ପ୍ରତିଯୋଗିତା ମହାରାଷ୍ଟ୍ରର ପୁନେଠାରେ ଗତ ୧୩.୦୨.୨୦୨୪ ଠାରୁ ୧୭.୦୨.୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୩୦ ଜଣ ପ୍ରତିଯୋଗୀ ଭାଗ ନେଇ ବିଭିନ୍ନ ବର୍ଗରେ ୧୦ଟି ପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି।

ଏହି ମଧ୍ୟରୁ ପୁରୁଷ ବିଭାଗରେ ୭୦ ବର୍ଷ ବର୍ଗରେ ଅଶୋକ ବିଶ୍ୱାଳ ୩ଟି ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ୪୫ ବର୍ଷ ବର୍ଗରେ ମଳୟ ରଞ୍ଜନ ପତି ମଧ୍ୟ ଏକ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ମଦନ କୁମାର ଶର୍ମା ୪୫ ବର୍ଷ ବର୍ଗ ଓ କିଶୋର ଚନ୍ଦ୍ର ରଥ ୬୦ ବର୍ଷ ବର୍ଗରେ ଯଥାକ୍ରମେ ଜାଭେଲିନ୍ ଥ୍ରୋ ଓ ଟ୍ରିପଲ ଜମ୍ପରେ ରୌପ୍ୟ ପଦକ ପାଇଛନ୍ତି।

ସେହିପରି ମହିଳାଙ୍କ ମଧ୍ୟରୁ ୬୦ ବର୍ଷ ବର୍ଗରେ ସ୍ୱର୍ଣ୍ଣପ୍ରିୟା ମହାନ୍ତିଙ୍କୁ ବାଧା ଜୈବ ଓ ଟ୍ରିପଲ ଜମ୍ପରେ ୨ଟି ରୌପ୍ୟ ପଦକ ସହତ ସୁକାନ୍ତି ପାତ୍ର ୪୫ ବର୍ଷ ବର୍ଗରେ ୪୦୦ ମିଟର ଦୌଡ଼ରେ ଅନ୍ୟ ଏକ ରୌପ୍ୟ ପଦକ ଜିତିଛନ୍ତି। ଅରୁଣ କୁମାର ପାତ୍ର ୫ କି.ମି.ରେ ୱାକିଙ୍ଗରେ ଏକ ବ୍ରୋଞ୍ଜ ପଦକ ପାଇଛନ୍ତି।

# ବିପର୍ଯ୍ୟୟ ସତ୍ତ୍ୱେ ଦମ୍ ଦେଖାଇଲେ ଜୋ ରୁଟ୍, ଭଲ ସ୍ଥିତିରେ ଇଂଲଣ୍ଡ

**ନୂଆଦିଲ୍ଲୀ**

ଭାରତ ବିପକ୍ଷ ୪ର୍ଥ ଟେଷ୍ଟରେ ଦମ୍ ଦେଖାଇଛନ୍ତି ଇଂଲଣ୍ଡର ଅଭିଜ୍ଞ ଖେଳାଳି ଜୋ ରୁଟ୍। ରାଞ୍ଚିରେ ଇଂଲଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ରୁଟ୍ ନିଜର କ୍ଲାସ୍ ସମସ୍ତଙ୍କୁ ଦେଖାଇଛନ୍ତି।

ସେ ଭାରତୀୟ ବୋଲରଙ୍କୁ ବେଶ୍ ଭଲ ଭାବେ ସାମ୍ନା କରି ପ୍ରଥମ ଦିନରେ ଶତକ ହାସଲ କରିଛନ୍ତି। ଏଥିସହ ଇଂଲଣ୍ଡକୁ ଭଲ ସ୍ଥିତିରେ ମଧ୍ୟ ପହଞ୍ଚାଇ ଦେଇଛନ୍ତି। ପ୍ରଥମ ଦିନର ଖେଳ ଶେଷ ବେଳକୁ ଇଂଲଣ୍ଡ ୭ ୱିକେଟ ହରାଇ ୩୦୨ ରନ କରି ନେଇଛି। ଜୋ ରୁଟ ୧୦୬ ଓ ଓଲି ରବିନସନ ୩୧ ରନ କରି ଅପରାଜିତ ରହିଛନ୍ତି।

ପ୍ରଥମ ଦିନର ପ୍ରଥମ ସେସନ୍ସରେ ଇଂଲଣ୍ଡ ୫ ୱିକେଟ ହରାଇଥିଲା। କିନ୍ତୁ ବାକି ୨ଟି ସେସନ୍ସରେ ମାତ୍ର ୨ଟି ୱିକେଟ ହରାଇଛି। ଇଂଲଣ୍ଡକୁ ଅଲଆଉଟ କରି ବ୍ୟାକ୍‌ଫୁଟ୍‌କୁ ଠେଲିବା ପାଇଁ ସୁଯୋଗ ଭାରତ ହାତ ଛଡ଼ା କରିଛି।

ରାଞ୍ଚିରେ ଖେଳା ଯାଉଥିବା ମ୍ୟାଚ୍‌ରେ ଇଂଲଣ୍ଡ ଅଧିନାୟକ ବେନ ଷ୍ଟୋକ୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲେ। ଜ୍ୟାକ୍ କ୍ରଉଲୀ ଓ ବେନ ଡକେଟ ଠିକ୍‌ଠାକ୍ ଆରମ୍ଭ କରିଥିଲେ ହେଁ ଡେବ୍ୟୁଟାଣ୍ଟ ଆକାଶ ଦୀପ ନିଜର ଜଲା ଦେଖାଇଥିଲେ। ସେ ପ୍ରଥମେ ଡକେଟ(୧୧), ପରେ ଓଲି ପପ(୦) ଓ ୪୨ ରନ କରିଥିବା କ୍ରାଉଲୀଙ୍କୁ ଆଉଟ କରିଥିଲେ। ୪୭ ରନରେ କୌଣସି ୱିକେଟ ହରାଇ ନଥିବା ଇଂଲଣ୍ଡ ୫୭ ରନରେ ୩ଟି ୱିକେଟ ହରାଇଥିଲା।

# ବାରବାଟୀ ଷ୍ଟାଡ଼ିୟମରେ ଖେଳାଯିବ ଆଇପିଏଲ୍ ମ୍ୟାଚ୍!

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ବାଟବାଟୀ ଷ୍ଟାଡିୟମକୁ ମିଳିପାରେ ଚଳିତ ବର୍ଷ ଆଇପିଏଲ ମ୍ୟାଚ୍। ବାରବାଟୀ ଷ୍ଟାଡିୟମରେ ଆପିଏଏଲ ମ୍ୟାଚ୍ ଆୟୋଜନ ନେଇ ଖବର ସରବହାର ସଂସ୍ଥା ଏଏନଆଇ ସୂତ୍ରରୁ ଜଣାପଡ଼ିଛି । ଦିଲ୍ଲୀ କ୍ୟାପିଟାଲ ନିଜର ପ୍ରଥମ ଦୁଇଟି ମ୍ୟାଚ୍ ପୁଣେ ଏବଂ କଟକରେ ଖେଳିବା ପାଇଁ ଇଚ୍ଛା ପ୍ରକାଶ କରିଛି। ଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମ ମ୍ୟାଚ୍ ଆୟୋଜନ ପାଇଁ ପ୍ରସ୍ତୁତ ନଥିବାରୁ ଦିଲ୍ଲୀର ପ୍ରଥମ କେତୋଟି ମ୍ୟାଚ୍ କଟକରେ କରିବାକୁ ଆୟୋଜକମାନେ ଚିନ୍ତା କରୁଛନ୍ତି। ମହିଳା ଆଇପିଏଲ ଫାଇନାଲର ଅଳ୍ପ କିଛି ଦିନ ପରେ ପୁରୁଷ ଆଇପିଏଲ ମ୍ୟାଚ୍ ଆରମ୍ଭ ହେଉଥିବାରୁ ଅରୁଣ ଜେଟ୍‌ଲି ଷ୍ଟାଡିୟମ ଏଥିପାଇଁ ପ୍ରସ୍ତୁତ ନଥିବ ବୋଲି ଏହାର ପରିଚାଳକ କହିଛନ୍ତି। ତେଣୁ ଦିଲ୍ଲୀ କ୍ୟାପିଟାଲ୍ସ ବିକଳ୍ପ ଭାବେ ପୁଣେ ଏବଂ ବାରବାଟୀରେ ମ୍ୟାଚ୍ ଖେଳିବା ପାଇଁ ବିଚାର କରୁଛି। ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ବାରବାଟୀ ଷ୍ଟାଡିୟମରେ ଆଇପିଏଲ ମ୍ୟାଚ୍ ଆୟୋଜନ ହୋଇସାରିଛି। ୨୦୧୧ ମସିହାରେ ଡେକାନ ଚାର୍ଜର୍ସ ଓ ୨୦୧୪ରେ କିଙ୍ଗ୍ସ ଇଲେଭେନ ପଞ୍ଜାବ ଏହାକୁ ନିଜର ହୋମ ଗ୍ରାଉଣ୍ଡ କରିଥିଲେ। ଆସନ୍ତା ମାର୍ଚ୍ଚ ୨୦ କିମ୍ବା ୨୨ ତାରିଖରୁ କ୍ରିକେଟର ସବୁଠୁ ଦାମୀ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ଏନେଇ ଖୁବ୍‌ଶୀଘ୍ର ସୂଚୀ ମଧ୍ୟ ଜାରି କରାଯିବ। ତେବେ ଚଳିତ ବର୍ଷ ଲୋକସଭା ନିର୍ବାଚନ ଥିବାରୁ ଦୁଇଟି ପର୍ଯ୍ୟାୟରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ

# ଭାବପ୍ରବଣତାର ସହ ଯୋଡ଼ିହେଲେ ମାତୃଭାଷାର ଉନ୍ନତି ସାଧନ ସମ୍ଭବ




**ବାଲେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମାଆ ଓ ମାତୃଭାଷାର ଅଭାବ ସର୍ବଦା ଅପୂରଣୀୟ ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷାର ବିକାଶ ଓ ସୁରକ୍ଷା ଦିଗରେ ଯତ୍ନଶୀଳ। ଏହି ପରିପେକ୍ଷୀରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ତଥା ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଶ୍ୱ ମାତୃଭାଷା ଦିବସ ୨୦୨୪ର ବିଷୟବସ୍ତୁ ହେଉଛି ବହୁଭାଷୀ ଶିକ୍ଷା ହେଉଛି ଆନ୍ତ-ବଂଶାନୁକ୍ରମିକ ଜାତିର ଶିକ୍ଷାସ୍ତମ୍ଭ। ଜାତିସଂଘର ଏକ ବିବୃତ୍ତିରେ କୁହାଯାଇଛି ଯେ ବହୁଭାଷୀ ତଥା ବହୁ ସଂସ୍କୃତି ସମାଜ, ସେମାନଙ୍କ ଭାଷାର ସଂରକ୍ଷଣ ମାଧ୍ୟମରେ ଉନ୍ନତି କରନ୍ତି, ଯାହା ପାରମ୍ପରିକ ଜ୍ଞାନ ଏବଂ ସାଂସ୍କୃତିକ ଐତିହ୍ୟର ପଥ ଅଟେ। ଏହି ବିଷୟବସ୍ତୁ ଆଧାରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ଆଡଜଙ୍କ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଓ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ରାଖାଲ ଚନ୍ଦ୍ର ଘଡ଼େଇ ବିଶେଷ ଅତିଥି ଭାବରେ ଯୋଗ ଦେଇଥିଲେ। ନିଜ ମାତୃଭାଷା ସହ ଭାବପ୍ରବଣତାର ସହ ଯୋଡ଼ି ହୋଇ ପାରିଲେ ହିଁ ବ୍ୟକ୍ତିବିଶେଷ ଏହାର ଉନ୍ନତି ସାଧନ କରିପାରିବ ବୋଲି ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ନିଜ ଉଦ୍‌ବୋଧନରେ ଉଲ୍ଲେଖ କରିଥିଲେ। ଏଥିସହ ରାଖାଲ ଚନ୍ଦ୍ର ଘଡ଼େଇ ବର୍ତ୍ତମାନର ଅମଲାତାନ୍ତ୍ରିକ ଓ ରାଜନୈତିକ ଅସହଯୋଗ କାରଣରୁ କିଛି ମାତୃଭାଷାର ବିଲୁପ୍ତ ହୋଇଥିବା ବେଳ ଅନ୍ୟ କିଛି ମାତୃଭାଷା ସମୂହ ଉନ୍ନୟନ ସକାଶେ ଅପେକ୍ଷାରତ କହି ଚିନ୍ତାବ୍ୟକ୍ତ କରିଥିଲେ। ବିଶ୍ୱ-ବିଦ୍ୟାଳୟର କୁଳପତି ପ୍ରଫେସର ତ୍ରିପାଠୀ ନିଜ ମାତୃଭାଷାକୁ ବ୍ୟବହାର କରିବାର ଆଗ୍ରହ ଓ ଶ୍ରଦ୍ଧା ହିଁ ମାତୃଭାଷାକୁ ସମ୍ମାନୀତ କରାଏ। ଏଥିସହିତ ପ୍ରତି ବ୍ୟବହାରିକ, କଥିତ ଓ ପଠିତ ଭାଷା ନିମନ୍ତେ ଶିକ୍ଷକ ନିଯୁକ୍ତିର ସୁଯୋଗ ପ୍ରଦାନ କରାଗଲେ। ସବୁ ଭାଷାର ବିକାଶ ଓ ଉତ୍ଥାନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଭାଷା ଓ ସାହିତ୍ୟ ବିଭାଗର ଛାତ୍ରଛାତ୍ରୀ ନିଜସ୍ୱ କଥିତ ଭାଷା ଯଥା ମୁଣ୍ଡାରୀ, ସାନ୍ତାଳୀ, ଉଡୁକ୍, ହୋ, ଓଡ଼ିଆ, ଉର୍ଦ୍ଦୁ, ଓ ସମ୍ବଲପୁରୀ ଭାଷାରେ ମାତୃଭାଷା ପ୍ରତି ସମ୍ମାନ ଜଣାଇ ଅଭିଭାଷଣ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ମାନଙ୍କ ସହିତ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ହୋଇ ଏହି ଦିବସ ପାଳନ କରିଥିଲେ। କାର୍ଯ୍ୟକ୍ରମଟିକୁ ବିଭାଗ ମୁଖ୍ୟ ଡକ୍ଟର ଦେବାଶିଷ ପାତ୍ର ସଂଚାଳନ କରିଥିଲେ ଓ ଜୟନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଭୁବନେଶ୍ୱର
୨୪ ଫେବୃୟାରୀ
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# 'ସମାଜ'ର ନୂତନ ମୁଦ୍ରାକର ଓ ପ୍ରକାଶକ ଭାବେ ଡ. ପ୍ରଭାସ ଆଚାର୍ଯ୍ୟଙ୍କ ଦାୟିତ୍ୱ ଗ୍ରହଣ

**ଭୁବନେଶ୍ୱର, ୨୩।୨ : ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ସର୍ବ ପୁରାତନ ତଥା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ ଦୈନିକ ସମ୍ବାଦପତ୍ର 'ସମାଜ'ର ନୂତନ ମୁଦ୍ରାକର ଓ ପ୍ରକାଶକ ଭାବେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜ କୁମାର ଚୋପ୍ରାଙ୍କ ସମେତ ସମାଜର ସଂପାଦକ ଓ ମୁଖ୍ୟ ପରିଚାଳକ, ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ପୁରାତନ ସମ୍ବାଦପତ୍ରର



ପାଠକୀୟ ବିଶ୍ୱସନୀୟତା ବଜାୟ ରଖିବା ତଥା ଉତ୍କଳମଣିଙ୍କ ଆଦର୍ଶକୁ ପାଥେୟ କରି କାର୍ଯ୍ୟ ସମ୍ପାଦନ କରିବେ ବୋଲି ଡ. ଆଚାର୍ଯ୍ୟ ମତ ପୋଷଣ କରିଛନ୍ତି।



ଭୁବନେଶ୍ୱର : '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଏକାମ୍ର ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ନିର୍ବାଚନ ପରିଚାଳନା ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା

**ଭୁବନେଶ୍ୱର, ୨୩।୨ : ନ୍ୟୁଜ୍‌ବ୍ୟୁରୋ**

ଆଗାମୀ ସାଧାରଣ ନିର୍ବାଚନକୁ ତୃଣମୂଳ ସ୍ତରରୁ ଉଚିତ ରୂପେ ପରିଚାଳନା କରିବା ପାଇଁ ବିଭିନ୍ନ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ବିଷୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ଅତିରିକ୍ତ ଜିଲ୍ଲାପାଳ ଯୋଗ ଦେଇଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳମାନେ ଜିଲ୍ଲାମାନଙ୍କର ନିର୍ବାଚନ ପ୍ରସ୍ତୁତିର ବିଭିନ୍ନ ଦିଗ ବିଷୟରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଥିଲେ।

ନିର୍ବାଚନ ପ୍ରକ୍ରିୟାରେ ମତଦାତା ହେଉଛନ୍ତି ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ତେଣୁ ସେମାନଙ୍କୁ କେନ୍ଦ୍ରରେ ରଖି ସ୍ୱଚ୍ଛତାର ସହ ସମସ୍ତ ପ୍ରସ୍ତୁତି କରିବାପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଯୁକ୍ତିଜ୍ଞାନ କୌଶଳକୁ ଆଗାମୀ ନିର୍ବାଚନରେ ବହୁ ଗୁରୁତ୍ୱ ଦିଆଯାଉଛି। ଏଣୁ ସମସ୍ତ ଜିଲ୍ଲାରେ ବିଭିନ୍ନ ପ୍ରଯୁକ୍ତିଜ୍ଞାନ କୌଶଳକୁ ବ୍ୟବହାର କରାଯିବ। ସେହି ଅନୁସାରେ ମାନବ ସମ୍ବଳର ବିନିଯୋଗ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୧୯୫୦ ଟୋଲ ଫ୍ରୀ ନମ୍ବରକୁ ସର୍ବଦା କାର୍ଯ୍ୟକ୍ଷମ ରଖିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ।

ସମଗ୍ର ନିର୍ବାଚନ ପ୍ରକ୍ରିୟାରେ ବିଏଲ୍‌ଓମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ରୂପେ ଅବିହିତ କରି ମୁଖ୍ୟ ନିର୍ବାଚନ ଅଧିକାରୀ ସେମାନଙ୍କୁ ଗଣତନ୍ତ୍ରର ସଜାଗ ପ୍ରହରୀ ବୋଲି କହିଥିଲେ। ଏହା ସହ ଜିଲ୍ଲା ପ୍ରଶାସନ ପୋଷ୍ଟାଲ ବାଲଟ୍‌କୁ ସମ୍ପୂର୍ଣ୍ଣ ସତର୍କତା ସହ ଛାପିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା ପରେ ବିଭିନ୍ନ ଅତିରିକ୍ତ ଜିଲ୍ଲାପାଳମାନେ ନିଜ ନିଜ ଜିଲ୍ଲାର ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଓ ସମସ୍ୟା ବିଷୟରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରିଥିଲେ। ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ ଥିରୁମାଲା ନାଏକଙ୍କ ସହ ଅନ୍ୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଢେଙ୍କାନାଳରେ ସ୍କିଲ୍ ଇଣ୍ଡିଆ ସେଣ୍ଟରର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

**ଢେଙ୍କାନାଳ, ୨୩।୨ : ନ୍ୟୁଜ୍‌ବ୍ୟୁରୋ**

ଆଗାମୀ ଦିନରେ ଢେଙ୍କାନାଳ ମଡର୍ନ କମ୍ୟୁନିକେସନର ଫ୍ୟୁଚରିଷ୍ଟିକ ସେଣ୍ଟର ତଥା ଆଧୁନିକ ଯୋଗାଯୋଗର ଭବିଷ୍ୟତ କେନ୍ଦ୍ର ହେବ ବୋଲି ଶୁକ୍ରବାର ଢେଙ୍କାନାଳରେ ଏନଏସଡିସିର ସ୍କିଲ ଇଣ୍ଡିଆ ସେଣ୍ଟର(ଏସଆଇଏସ)କୁ ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଗତ ୨୦ ତାରିଖରେ ଏନଏସଡିସି ଦ୍ୱାରା ସମ୍ବଲପୁରରେ ଦେଶର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟନ କରିବା ପରେ ଶୁକ୍ରବାର ଢେଙ୍କାନାଳରେ ଏହି ସେଣ୍ଟରର ଉଦ୍‌ଘାଟନ କରିଛନ୍ତି କେନ୍ଦ୍ରମନ୍ତ୍ରୀ। ଦକ୍ଷତା ବିକାଶ ଓ ଉଦ୍ୟମିତା



ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ଏକବିଂଶ ଶତାବ୍ଦୀର ଯୁବପିଢ଼ିଙ୍କ ଆକାଂକ୍ଷା ଓ ରୁଚିକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ରୋଜଗାର ଓ ସ୍ୱରୋଜଗାର ବଢ଼ାଇବା ଲକ୍ଷ୍ୟରେ ଏହି କେନ୍ଦ୍ର ସ୍ଥାପନା କରାଯାଇଛି। ଏହି କେନ୍ଦ୍ରରେ ଡିଜିଟାଲ ଦୁନିଆ ତଥା ସର୍ଭିସ ଇଣ୍ଡଷ୍ଟ୍ରିର ଆଧୁନିକ ସ୍କିଲିଂ ଟ୍ରେନିଂର ବ୍ୟବସ୍ଥା ଅଛି।

ନିକଟରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ସ୍ୱୀକୃତି ଦେଇ ଢେଙ୍କାନାଳ ସ୍ଥିତ ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମସି)କୁ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଡିମଡ ୟୁନିଭର୍ସିଟିର ମାନ୍ୟତା ଦିଆଯାଇଛି। ଏହି ଉଦ୍‌ଘାଟିତ ସ୍କିଲ୍ ଇଣ୍ଡିଆ ସେଣ୍ଟର ଆଇଆଇଏମ ଢେଙ୍କାନାଳ ସହ ଯୋଡିହେଲେ ଆଗାମୀ ଦିନରେ ଢେଙ୍କାନାଳ ମଡର୍ନ କମ୍ୟୁନିକେସନର ଫ୍ୟୁଚରିଷ୍ଟିକ ସେଣ୍ଟର ହୋଇପାରିବ। ଅନେକ ଛାତ୍ରଛାତ୍ରୀ ସ୍କିଲ ଇଣ୍ଡିଆ ସେଣ୍ଟରର ଲାଭ ନେଇପାରିବେ। ନୂଆପିଢ଼ିର ପିଲାମାନଙ୍କୁ ଦକ୍ଷ କରିବା ପାଇଁ ପ୍ରଧାନମନ୍ତ୍ରୀ ବଦ୍ଧପରିକର। ନୂଆପିଢ଼ିର ଯୁବକ ଯୁବତୀମାନେ ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍- ସ୍କିଲିଂ ସହ ଯୋଡି ହୋଇ ନିଜକୁ ଦକ୍ଷ ବନାଇଲେ ହିଁ ଆମେ ବିକଶିତ ଭାରତର ଲକ୍ଷ୍ୟ ପୂରଣ କରିପାରିବା ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଢେଙ୍କାନାଳରେ ୬ ହଜାର ବର୍ଗଫୁଟ ପରିମିତ ଜାଗାରେ ପ୍ରତିଷ୍ଠିତ ଏହି ସ୍କିଲ ସେଣ୍ଟରରେ ମୋଟ୍ ୫ଟି ଆଧୁନିକ ଲ୍ୟାବ ରହିଛି ଏବଂ ପ୍ରଶିକ୍ଷଣ ନିମନ୍ତେ ୩ ଟି ଟ୍ରେନିଂ ହଲ ଅଛି, ଯେଉଁଥିରେ ବର୍ଷକୁ ୧୨୦୦ରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ପ୍ରଶିକ୍ଷିତ ହୋଇପାରିବେ। ସ୍ୱଳ୍ପ ମୂଲ୍ୟରେ ୩ ମାସରେ ୮ଟି ବିଷୟ ଉପରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ସ୍କିଲ ଇଣ୍ଡିଆ ମିଶନ ଅଧୀନରେ ନ୍ୟୁ ଏଜ ସ୍କିଲ୍ସ, ଗ୍ରାଫିକ୍ସ ଡିଜାଇନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଯୁକ୍ତିସେବା ଫୁଡ୍ ଆଣ୍ଡ ବେଭରେଜ ସର୍ଭିସେସ ଭଳି ବିବିଧ କ୍ଷେତ୍ରରେ ଇଚ୍ଛୁକ ଯୁବକ ଯୁବତୀଙ୍କୁ ଏହି କେନ୍ଦ୍ରରେ ତାଲିମ ଦିଆଯିବ।

## ରେଳ ଭିତ୍ତିଭୂମିରେ ପରିବର୍ତ୍ତନ ଆଣିବା ପାଇଁ

# ୨୬ରେ ଓଡ଼ିଶାର ୨୧ ରେଳ ଷ୍ଟେସନର ପୁନଃବିକାଶ ପାଇଁ ଶିଳାନ୍ୟାସ କରିବେ ମୋଦି

**ଭୁବନେଶ୍ୱର, ୨୩।୨ : ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ମନୋଜ ଶର୍ମା ଗଣମାଧ୍ୟମକୁ କହିଛନ୍ତି ଯେ ଓଡ଼ିଶାରେ ୨୧ଟି ଅମୃତ ଭାରତ ରେଳ ଷ୍ଟେସନର ଶିଳାନ୍ୟାସ କରାଯାଉଛି, ଯେଉଁଥିପାଇଁ ସମୁଦାୟ ୯୦୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଏହି ତାଲିକାରେ ବିମଳାଗଡ଼, ଜରୋଲି, ରାଇରଙ୍ଗପୁର, ପାନପୋଷ, ବାଲେଶ୍ୱର, ବେତନଟୀ, ସମ୍ବଲପୁର ସିଟି, ଝାରସୁଗୁଡ଼ା ରୋଡ୍, ଟିଟିଲାଗଡ଼, କେସିଙ୍ଗା, ରାୟଗଡ଼ା, ପାରଳାଖେମୁଣ୍ଡି, କୋରାପୁଟ, ଜୟପୁର, ତାଳଚେର, ରଘୁନାଥପୁର, ପାରାଦୀପ, କେନ୍ଦୁଝରଗଡ଼, ଭଦ୍ରକ, ବେଲପାହାଡ଼ ଓ ବ୍ରଜରାଜନଗର ଭଳି ପ୍ରମୁଖ ଷ୍ଟେସନ ରହିଛି।

ପୂର୍ବତଟ ରେଳବାଇ ଜୋନ ମଧ୍ୟରେ ୭୯୦ କୋଟି ଟଙ୍କା ମଞ୍ଜୁର




ହୋଇଥିବା ୨୨ଟି ଅମୃତ ଭାରତ ରେଳ ଷ୍ଟେସନରେ ଶିଳାନ୍ୟାସ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ପୂର୍ବତଟ ରେଳବାଇ ଜୋନ ଭିତରେ ଓଡ଼ିଶା ସହ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ ରାଜ୍ୟର କିଛି ଅଂଶ ଅନ୍ତର୍ଭୁକ୍ତ। ଏହି ପଦକ୍ଷେପ ଦ୍ୱାରା ଷ୍ଟେସନ ସୁବିଧା ବୃଦ୍ଧି ପାଇବ ଏବଂ ଯାତ୍ରୀମାନଙ୍କ ପାଇଁ ଯାତ୍ରା ଅଧିକ ଆରାମଦାୟକ ହେବ ବୋଲି ଆଶା କରାଯାଉଛି। ଏହି ଷ୍ଟେସନଗୁଡ଼ିକ ହେଲା ନଉପଡ଼ା, ସିଂହଚଲମ, ବବିଲି, ଶ୍ରୀକାକୁଲମ ରୋଡ୍, ପାର୍ବତୀପୁରମ୍, ଚିପୁରୁପାଲ୍ଲେ, ସମ୍ବଲପୁର ସିଟି, ଝାରସୁଗୁଡ଼ା ରୋଡ୍, ଟିଟିଲାଗଡ଼, କେସିଙ୍ଗା, ରାୟଗଡ଼ା, ପାରଳାଖେମୁଣ୍ଡି, କୋରାପୁଟ, ଜୟପୁର, ତାଳଚେର, ରଘୁନାଥପୁର, ପାରାଦୀପ, କେନ୍ଦୁଝରଗଡ଼, ଭଦ୍ରକ, ଆରାକୁ, କୋଟାଭାଲାସା, ଇଚ୍ଛାପୁରମ।

ଓଡ଼ିଶାରେ ଭିତ୍ତିଭୂମି ବିକାଶରେ ଉଲ୍ଲେଖନୀୟ ପ୍ରୋତ୍ସାହନ ମିଳୁଛି ଏବଂ ମୋଟ ୫୨ଟି ରୋଡ୍ ଓଭର ବ୍ରିଜ (ଆରଓବି) ଏବଂ ରୋଡ ଅଣ୍ଡର ବ୍ରିଜ (ଆରୟୁବି) ପ୍ରକଳ୍ପର ଲୋକାର୍ପଣ କିମ୍ବା ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଗୁଡ଼ିକ ପାଇଁ ସମୁଦାୟ ପ୍ରକଳ୍ପ ମୂଲ୍ୟ ୧୪୨୦ କୋଟି ଟଙ୍କା ରହିଛି। କେବଳ ପୂର୍ବତଟ ରେଳବାଇ ଜୋନ୍‌ରେ ମୋଟ ୧୨୮୮ କୋଟି ଟଙ୍କା ବ୍ୟୟରେ ୩୦ଟି ଆରଓବି/ଆରୟୁବିର ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଛି।

ଅମୃତ ଷ୍ଟେସନ ପୁନଃନିର୍ମାଣ ପ୍ରକଳ୍ପରେ ଉନ୍ନତ ଷ୍ଟେସନ ଉପଲବ୍ଧତା, ଏୟାର କନକର୍ସ, ବ୍ୟାପକ ଫୁଟ ଓଭର ବ୍ରିଜ (ଏଫ୍‌ଓବି), ପ୍ରତୀକ୍ଷା କ୍ଷେତ୍ର, ଶୌଚାଳୟ ସୁବିଧା, ଲିଫ୍ଟ ଏବଂ ଏସ୍କେଲେଟର ପ୍ରତିଷ୍ଠାନ ଓ ସ୍ୱଚ୍ଛତା ବୃଦ୍ଧି ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ଯାତ୍ରୀମାନେ ମାଗଣା ୱାଇ-ଫାଇ, ସ୍ଥାନୀୟ ଉତ୍ପାଦ କିଓସ୍କ, ଏକ୍‌ଜିକ୍ୟୁଟିଭ ଲାଉଞ୍ଜ ଏବଂ ବ୍ୟବସାୟିକ ବୈଠକ ପାଇଁ ସ୍ଥାନ ଭଳି ସୁବିଧା ମଧ୍ୟ ଆଶା କରିପାରିବେ। ସେହିଭଳି ଆରଓବି/ଆରୟୁବି ପ୍ରକଳ୍ପଗୁଡ଼ିକ ଜନସାଧାରଣଙ୍କ ପାଇଁ ଦୃଶ୍ୟମାନ ଲାଭ ଆଣିବା, ଟ୍ରାଫିକ ପ୍ରତିବନ୍ଧକ ଦୂର କରିବା, ନିରାପତ୍ତା ବୃଦ୍ଧି କରିବା ଏବଂ ସାମଗ୍ରିକ ପରିବହନ ଦକ୍ଷତାରେ ଉନ୍ନତି ଆଣିବା ଲକ୍ଷ୍ୟ ରଖିଛନ୍ତି। ରେଳ ଓଭରବ୍ରିଜ ଏବଂ ଅଣ୍ଡରବ୍ରିଜ ନିର୍ମାଣ ଦ୍ୱାରା ଭିଡ଼, ପ୍ରଦୂଷଣ ଏବଂ ଯାତ୍ରା ସମୟ ହ୍ରାସ କରି ସଡ଼କ ଉପଭୋକ୍ତାଙ୍କ ସୁବିଧା, ଆରାମ ଏବଂ ଗତିଶୀଳତା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

ଭାରତ ସରକାର
ରସାୟନ ଏବଂ ଉର୍ବରକ ମନ୍ତ୍ରଣାଳୟ
ଔଷଧ ବିଭାଗ
भारतीय जन औषधि परियोजना

ଜନଔଷଧି କେନ୍ଦ୍ରରେ କମ୍-ସେ-କମ୍
୭୫% ରିହାତିରେ ଶସ୍ତା ଓ ଉତ୍ତମ ଔଷଧ
ମୋଦି ସରକାରଙ୍କ ଗ୍ୟାରେଣ୍ଟି



"କମ୍ ମୂଲ୍ୟରେ ଉଚ୍ଚଗୁଣବତ୍ତା ସମ୍ପନ୍ନ ଔଷଧର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସମଗ୍ର ଦେଶରେ ହଜାରେ ଜନଔଷଧି କେନ୍ଦ୍ର ଖୋଲାଯାଇଛି। ଏହା ଦ୍ୱାରା ନା କେବଳ ଗରିବଙ୍କୁ ବରଂ ମଧ୍ୟମବର୍ଗଙ୍କୁ ମଧ୍ୟ ବହୁତ ଲାଭ ହେଉଛି।"
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

ଆଉ ଏବେ
ଜନଔଷଧି କେନ୍ଦ୍ରରେ ସ୍ୱରୋଜଗାରର ଅବସର ମଧ୍ୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସମଗ୍ର ଦେଶରେ ୨୫ ହଜାର ଜନଔଷଧି କେନ୍ଦ୍ରର ଅଭିଯାନ ଅନୁଯାୟୀ ପ୍ରତ୍ୟେକ ଜିଲ୍ଲାରେ
ଜନଔଷଧି କେନ୍ଦ୍ର ଖୋଲିବା ପାଇଁ ଆବେଦନ ଆମନ୍ତ୍ରିତ

ଆବେଦକ ଧ୍ୟାନ ଦିଅନ୍ତୁ
କମ୍-ସେ-କମ୍ ୧୨୦ ବର୍ଗଫୁଟ୍‌ର ଦୋକାନ ଆବଶ୍ୟକ
ଏବେ ୧ କି.ମି ଦୂର ମଧ୍ୟରେ ଦୁଇଟି ଜନଔଷଧି କେନ୍ଦ୍ର ଖୋଲିବାକୁ ଯାଉଛି (ପ୍ରଥମ ୧.୫ କି.ମି ଦୂର ବ୍ୟବସ୍ଥା ଥିଲା)
କୌଣସି ବ୍ୟକ୍ତି, ସଂଗଠନ, ଏନ୍‌ଜିଓ, ମେଡିକାଲ୍ କଲେଜ, ସରକାରୀ ହସ୍‌ପିଟାଲ, ପେକ୍ସ/ସହକାରୀ ସଂଗଠନ ଆବେଦନ କରିପାରିବେ
ଜନଔଷଧି କେନ୍ଦ୍ର ଚଲାଇବା ପାଇଁ (ବି ଫାର୍ମ/ଡି ଫାର୍ମ) ର ଉପଲବ୍ଧତା ଅନିବାର୍ଯ୍ୟ

ପରିଯୋଜନାର ପ୍ରମୁଖ ବିଶେଷତ୍ୱ
ଜନଔଷଧି କେନ୍ଦ୍ର ସଂଚାଳକଙ୍କୁ ୫ ଲକ୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା
ମହିଳା ଉଦ୍ୟମୀ, ଦିବ୍ୟାଙ୍ଗ, ଏସ୍‌ସି/ଏସ୍‌ଟି, ପୂର୍ବତନ ସୈନିକ, ଉତ୍ତର-ପୂର୍ବ ରାଜ୍ୟ, ହିମାଳୟ ପର୍ବତୀୟ କ୍ଷେତ୍ର, ଦ୍ୱୀପ ସମୂହ ଏବଂ ୧୧୨ ଆକାଂକ୍ଷୀ ଜିଲ୍ଲାରେ ୨ ଲକ୍ଷ ଟଙ୍କାର ଅତିରିକ୍ତ ଆର୍ଥିକ ସହାୟତା
ସମସ୍ତ ଔଷଧ ଉପରେ ୨୦% ର ମାର୍ଜିନ୍

ଅଧିକ ଜାଣିବା ପାଇଁ/ଅନ୍‌ଲାଇନ୍ ଆବେଦନ କରିବା ନିମନ୍ତେ ୱେବ୍‌ସାଇଟ୍ www.janaushadhi.gov.in ରେ ଯାଆନ୍ତୁ ବା ଟୋଲ୍ ଫ୍ରି ହେଲ୍ପ ଲାଇନ୍ ୧୮୦୦ ୧୮୦ ୮୦୮୦ରେ କଲ୍ କରନ୍ତୁ କିମ୍ବା ସ୍କାନ୍ କରନ୍ତୁ

# ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ସଂକଳ୍ପବଦ୍ଧ : ବିଜେଡି

**ଭୁବନେଶ୍ୱର, ୨୩।୨ : ନ୍ୟୁଜ୍‌ବ୍ୟୁରୋ**

ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରି ଓଡ଼ିଶାର ଅର୍ଥନୀତିକୁ ଆଗକୁ ନେବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲକ୍ଷ୍ୟ। ରାଜ୍ୟର ସବୁ ବର୍ଗର ଲୋକ କିପରି ଉନ୍ନତମାନର ସ୍ୱାସ୍ଥ୍ୟସେବା ସୁବିଧାରେ ପାଇପାରିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା ପଦକ୍ଷେପନେଉଛନ୍ତି ବୋଲି ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡି ଜାତୀୟ ମୁଖପାତ୍ର ଡଃ ସଂତୃପ୍ତ ମିଶ୍ର । ଶ୍ରୀ ମିଶ୍ର ଆହୁରି କହିଛନ୍ତି ଯେ, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟର ଯତ୍ନ, ସାମୂହିକ ଟୀକାକରଣ, ପିଲାଙ୍କୁ ପୃଷ୍ଟିକର ଖାଦ୍ୟ, ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କୋଭିଡ୍ ମହାମାରୀ ବେଳେ ରାଜ୍ୟବାସୀଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇବା ସହ ଅନ୍ୟ ରାଜ୍ୟକୁ ଅକ୍ସିଜେନ ଯୋଗାଇଛନ୍ତି ରାଜ୍ୟ ସରକାର। ବିଗତ ୬ ବର୍ଷ ମଧ୍ୟରେ ୮ଟି ନୂଆ ମେଡ଼ିକାଲ କଲେଜ ଓ ୨ଟି ପିଜି ଇନଷ୍ଟିଚ୍ୟୁଟ୍ ସ୍ଥାପନ ହେବା ଫଳରେ ରାଜ୍ୟରୁ ପ୍ରତିବର୍ଷ ଉତ୍ତୀର୍ଣ୍ଣ ହେଉଥିବା ୩୦୦ ଡାକ୍ତରଙ୍କ ସଂଖ୍ୟା ଆଜି ୨୫୦୦ରେ ପହଞ୍ଚିଛି ।

# ଦଶମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର/ଭଦ୍ରକ, ୨୩।୨ : ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ଜାହାଙ୍ଗିର ଶାସନ ଗ୍ରାମରେ ଜଣେ ଦଶମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଅଭୟ ପଣ୍ଡାଙ୍କ ପୁଅ ଅଭିଷେକ ପଣ୍ଡା । ସେ ନିଜ ମାଉସୀ ଘର ଧାମନଗର ସ୍ଥିତ ଜାହାଙ୍ଗୀର ଶାସନ ଗ୍ରାମରେ ରହି ଦଶମ ଶ୍ରେଣୀରେ ପାଠ ପଢୁଥିଲେ। ସେ ଇଂରାଜୀ ପରୀକ୍ଷା ପୂର୍ବରୁ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ତେବେ କାହିଁକି ଆତ୍ମହତ୍ୟା କରିଛନ୍ତି, ତାହା ଜଣାପଡୁନାହିଁ । ତେବେ ଘଟଣାସ୍ଥଳରେ ଧାମନଗର ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ତଦନ୍ତ ଆରମ୍ଭ କରିଛି। ତେବେ ପୁଲିସର ତଦନ୍ତ ପରେ ସଠିକ୍ ସୂଚନା ମିଳିପାରିବ।

# ଗନ୍ଧମାର୍ଦ୍ଦନ ପାହାଡ଼ରେ ପୋଲିସ-ମାଓବାଦୀ ମୁହାଁମୁହିଁ

**ଭୁବନେଶ୍ୱର/ପଦ୍ମପୁର, ୨୩।୨ : ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ପଦ୍ମପୁର ଉପଖଣ୍ଡ ପାଇକମାଳ ଥାନା ଗନ୍ଧମାର୍ଦ୍ଦନ ପାହାଡରେ ପୋଲିସ-ମାଓବାଦୀ ମୁହାଁମୁହିଁ ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ ପାଇକମାଳ ଥାନା ଗନ୍ଧମାର୍ଦ୍ଦନ ପାହାଡରେ ଶୁକ୍ରବାର ସକାଳୁ ଏସଓଜି ଯବାନମାନେ କମ୍ବିଂ ଅପରେସନ ଆରମ୍ଭ କରିଥିଲେ। ଯବାନ ଓ ମାଓବାଦୀ ମାନେ ମୁହାଁମୁହିଁ ହେବା ଫଳରେ ଉଭୟଙ୍କ ପକ୍ଷରୁ ଗୁଳି ବିନିମୟ ହୋଇଥିଲା। ପାଇକମାଳ ଥାନା ଗନ୍ଧମାର୍ଦ୍ଦନ ଜଙ୍ଗଲରେ ଗୁଳିବିନିମୟ ଏବେ ଜାରି ରହିଛି। ଘଟଣାସ୍ଥଳକୁ ବରିଷ୍ଠ ପୋଲିସ ଅଧିକାରୀ ଯାଇଥିବା ସୂଚନା ମିଳିଛି । ବହୁ ଦିନ ପରେ ମାଓବାଦୀମାନେ ନିଜ ଉପସ୍ଥିତି ଜାହିର କରିଛନ୍ତି । ଦୀର୍ଘ ଦିନ ହେବ ପଦ୍ମପୁର ପାଇକମାଳ ଅଞ୍ଚଳରେ ମାଓବାଦୀମାନେ ରହିଥିବା ନେଇ କୌଣସି ସୂଚନା ନଥିଲା। ହେଲେ ଶୁକ୍ରବାର ସକାଳୁ ମାଓବାଦୀଙ୍କ ଉପସ୍ଥିତି ସାଧାରଣ ଜନତାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି ।

# ମାର୍ଚ୍ଚ ୧୩ ପରେ ଲୋକସଭା ନିର୍ବାଚନ ତାରିଖ ଘୋଷଣା

**ନୂଆଦିଲ୍ଲୀ, ୨୩।୨**

ଲୋକସଭା ନିର୍ବାଚନ ପାଇଁ ତାରିଖକୁ ନେଇ ବଡ଼ ଖବର ଆସିଛି। ଆସନ୍ତା ମାସରେ ଘୋଷଣା ହୋଇପାରେ ତାରିଖ ମାର୍ଚ୍ଚ ୧୩ ପରେ ନିର୍ବାଚନ ଆୟୋଗ ଲୋକସଭା ନିର୍ବାଚନ ଲାଗି ତାରିଖ ଘୋଷଣା କରିବେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ୨୦୨୪ ଲୋକସଭା ନର୍ବାଚନ ୭ରୁ ୮ ପର୍ଯ୍ୟାୟରେ ହୋଇପାରେ। ନିର୍ବାଚନ ଆୟୋଗ ସୂତ୍ରରୁ ପ୍ରକାଶ ଯେ, ସାଧାରଣ ନିର୍ବାଚନ ପ୍ରସ୍ତୁତି ପାଇଁ ଆୟୋଗ ଅନେକ ରାଜ୍ୟ ପରିଦର୍ଶନ କରୁଛନ୍ତି। ଏହି ସବୁ ଯାତ୍ରା ସରିବା ପରେ ତାରିଖ ଘୋଷଣା କରାଯିବ। କେନ୍ଦ୍ରୀୟ ନିର୍ବାଚନ ସଂସ୍ଥାର ଅଧିକାରୀମାନେ ବର୍ତ୍ତମାନ ତାମିଲନାଡୁ ଗସ୍ତ କରୁଛନ୍ତି, ଏହା ପରେ ଉତ୍ତରପ୍ରଦେଶ ଏବଂ ଜମ୍ମୁ କଶ୍ମୀର ଗସ୍ତ କରିବେ ମାର୍ଚ୍ଚ ୧୩ ପୂର୍ବରୁ ଏହି ଗସ୍ତ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରସ୍ତୁତିର ଆକଳନ ପାଇଁ ଆୟୋଗ ଗତ କିଛି ମାସ ଧରି ସମସ୍ତ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ନିୟମିତ ବେଠକ କରୁଛନ୍ତି । ଅଧିକାରୀ କହିଛନ୍ତି, ସିଇଓମାନେ ସମସ୍ୟା କ୍ଷେତ୍ର, ଇଭିଏମର ଗତିବିଧି, ସୁରକ୍ଷା ବାହିନୀର ଆବଶ୍ୟକତା, ସୀମାରେ କଡା ନଜର ରଖିଛନ୍ତି। ନିର୍ବାଚନ ଆୟୋଗ ଚଳିତବର୍ଷ ନିର୍ବାଚନର ସୁରକ୍ଷା ଦୃଷ୍ଟିରୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର କରିବାକୁ ଯୋଜନା ରଥିବା କଥା ଅଧିକରୀମାନେ ଜଣାଇଛନ୍ତି ।

ଏକ ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ମେ ପୂର୍ବରୁ ହେବାକୁ ଥିବା ଲୋକସଭା ନିର୍ବାଚନର ମୁକ୍ତ ଏବଂ ନିରପେକ୍ଷ ଆଚରଣ ପାଇଁ ନିର୍ବାଚନ ଆୟୋଗ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟେକ୍ନୋଲୋଜି ବ୍ୟବହାର କରିପାରିବ। ସୋସିଆଲ ମିଡିଆ ଏବଂ ଡିଜିଟାଲ ପ୍ଲାଟଫର୍ମରେ ଭୁଲ ତଥ୍ୟକୁ ଚିହ୍ନଟ ଏବଂ ଡିଲିଟ କରିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ମଧ୍ୟ କରିପାରେ।

# ବାହୁବଳୀ ନେତା ଉଦୟଭାନ ସିଂଙ୍କ ମଧ୍ୟବର୍ତ୍ତୀକାଳୀନ ଜାମିନକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବୃଦ୍ଧି

**ନୂଆଦିଲ୍ଲୀ, ୨୩।୨**

ସୁପ୍ରିମକୋର୍ଟ ଉତ୍ତରପ୍ରଦେଶର ବାହୁବଳୀ ସମାଜବାଦୀ ପାର୍ଟି ନେତା ଉଦୟଭାନ ସିଂଙ୍କୁ ଦିଆଯାଇଥିବା ମଧ୍ୟବର୍ତ୍ତୀକାଳୀନ ଜାମିନକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଜଷ୍ଟିସ ଏଏସ ଓକାଙ୍କ ନେତୃତ୍ୱରେ ଏକ ବେଞ୍ଚ ଉଦୟଭାନ ସିଂଙ୍କ ଜାମିନ ଆବେଦନ ଉପରେ ଏପ୍ରିଲ ୫ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି।ଶୁକ୍ରବାର ଶୁଣାଣି ସମୟରେ ଉତ୍ତରପ୍ରଦେଶ ସରକାର ଜାମିନ ଆବେଦନ ଉପରେ ଏହାର ଜବାବ ଦେବାକୁ ସମୟ ମାଗିଥିଲେ । ଏହା ପରେ ଉତ୍ତରପ୍ରଦେଶ ସରକାରଙ୍କୁ ଏହାର ଉତ୍ତର ଦାଖଲ କରିବାକୁ କୋର୍ଟ ଦୁଇ ସପ୍ତାହ ସମୟ ଦେଇଥିଲେ । ଶୁଣାଣୀ ସମୟରେ ଉତ୍ତରପ୍ରଦେଶ ସରକାର ପକ୍ଷରୁ ହାଜର ହୋଇଥିବା ଓକିଲ ଉଦୟଭାନ ସିଂଙ୍କ ଜାମିନ ଆବେଦନକୁ ବିରୋଧ କରି ଉଦୟଭାନଙ୍କ ବିରୋଧରେ ତିନିଟି ହତ୍ୟା ମାମଲା ଶୁଣାଣି ଜାରି ରହିଛି ବୋଲି କହିଛନ୍ତି । ତାଙ୍କୁ ଜାମିନ ଦିଆଯିବା ଉଚିତ ନୁହେଁ।

# ଭାରତୀୟଙ୍କୁ ଋଷ୍-ୟୁକ୍ରେନ ସଂଘର୍ଷରୁ ଦୂରେଇ ରହିବାକୁ ବୈଦେଶିକ ମନ୍ତ୍ରଣାଳୟର ପରାମର୍ଶ

**ନୂଆଦିଲ୍ଲୀ, ୨୩।୨**

କିଛି ଭାରତୀୟ ଋଷ୍-ୟୁକ୍ରେନ ସଂଘର୍ଷରେ ଋଷ୍ ସେନାର ଭୂମିକା ନିଭାଉଥିବା ଭାରତ ସ୍ୱୀକାର କରିଛି । ବୈଦେଶିକ ମନ୍ତ୍ରଣାଳୟ ଭାରତୀୟ ନାଗରିକଙ୍କୁ ସଂଘର୍ଷରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି ।

ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ଏହି ବୟାନ ଜାରି କରିଛନ୍ତି ।

ସେ କହିଛନ୍ତି ଯେ ଋଷ୍‌ର ସେନାରେ ଚାକିରିକୁ ସ୍ୱୀକାର କରି ଭାରତୀୟମାନେ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଆମେ ଏହା ବିଷୟରେ ଅବଗତ । ଭାରତୀୟ ଦୂତାବାସ ସମ୍ପୃକ୍ତ ଋଷ କର୍ତ୍ତୃପକ୍ଷଙ୍କୁ ଯଥାଶୀଘ୍ର ତାଙ୍କୁ ମୁକ୍ତ କରିବାକୁ କହିଛି। ଆମେ ମଧ୍ୟ ଭାରତୀୟ ନାଗରିକମାନଙ୍କୁ ବିବାଦରୁ ଦୂରରେ ରହିବାକୁ ଏବଂ ଏହା ସହ ଜଡ଼ିତ କାର୍ଯ୍ୟକଳାପ ପ୍ରତି ସତର୍କ ରହିବାକୁ ଅନୁରୋଧ କରୁଛୁ। ଉଲ୍ଲେଖ ଯୋଗ୍ୟ ଯେ, ଋଷ୍ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧରେ କିଛି ଭାରତୀୟ ସାମିଲ ହୋଇଥିବା ନେଇ ବିଭିନ୍ନ ମହଲରୁ ପ୍ରଶ୍ନ ଉଠୁଛି।

# ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁସାରେ ଭୁବନେଶ୍ୱର କାନ୍ଥ ବାଡ଼ରୁ ହଟିବ ରାଜନୈତିକ ଲେଖା

**ଭୁବନେଶ୍ୱର, ୨୩।୨ : ନ୍ୟୁଜ୍‌ବ୍ୟୁରୋ**

ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁସାରେ ଭୁବନେଶ୍ୱର କାନ୍ଥ ବାଡ଼ରୁ ରାଜନୈତିକ ଲେଖା ହଟିବ । ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଆୟୋଗଙ୍କ ନିର୍ଦ୍ଦେଶ ଅନୁସାରେ ଭୁବନେଶ୍ୱର କାନ୍ଥ ଓ ବିଭିନ୍ନ ଜାଗାରେ ଲାଗିଥିବା ପୋଷ୍ଟର ଓ ବ୍ୟାନର ହଟାଇବାର କାମ ବିଏମସି ଆରମ୍ଭ କରିଛି । ଏହି ସବୁ କାର୍ଯ୍ୟ ନିର୍ବାଚନ ଆୟୋଗଙ୍କ ଗାଇଡ ଲାଇନ ଅନୁସାରେ କରାଯାଉଛି । ସମସ୍ତ ରାଜନୈତିକ ଦଳ ମଧ୍ୟ ଏଥି ପ୍ରତି ଅବଗତ ଅଛନ୍ତି ଓ ସହଯୋଗ କରୁଛନ୍ତି ବୋଲି ସେ କହିଛନ୍ତି ।